ସ୍ୱାଗତଂ ଓଡ଼ିଶା

R.N.I. Regd. No. ORORI/25/A1954

# ଡୁମାଣୀ ଖବର

Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

କେନ୍ଦୁଝର ଓ ଭୁବନେଶ୍ୱରରୁ ଏକ ସଙ୍ଗେ ପ୍ରକାଶିତ

DUMANI TV

Follow us:

ବର୍ଷ-୧ ସଂଖ୍ୟା-୨୮୬ ମଙ୍ଗଳବାର ୯ ଜୁନ୍ ୨୦୨୬ କେନ୍ଦୁଝର ପୃଷ୍ଠା ସଂଖ୍ୟା-୮ ମୂଲ୍ୟ : ୨.୦୦ | Vol-1 Issue-286 Tuesday 9 June 2026 Keonjhar Pages-8 Rs. 2.00

# ୪୩୦ କୋଟିର ପ୍ରକଳ୍ପ ସହ ୬୫୦ ଶଯ୍ୟାର ନୂଆ ଟିଚିଙ୍ଗ୍ ହସ୍ପିଟାଲ ଲୋକାର୍ପିତ

## କୌଣସି ଯନ୍ତ୍ର ରୋଗୀର କଷ୍ଟ ବୁଝିପାରେ ନାହିଁ, ଡାକ୍ତରଙ୍କ କାରୁଣ୍ୟ ହିଁ ସେବା: ମୁଖ୍ୟମନ୍ତ୍ରୀ





### ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲର ନୂତନ ବିଲ୍ଡିଂ ଭେଟି ଦେଲେ ମୁଖ୍ୟମନ୍ତ୍ରୀ

### ମୟୂରଭଞ୍ଜ ପାଇଁ ୩୯ଟି ପ୍ରକଳ୍ପର ଶୁଭାରମ୍ଭ, ୧୦୦ କୋଟିର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

### ୨୫୮ କୋଟିର ସ୍ୱାସ୍ଥ୍ୟ ଭିତ୍ତିଭୂମି: ଉତ୍ତର ଓଡ଼ିଶାର ପ୍ରମୁଖ ରେଫରାଲ୍ ସେଣ୍ଟର

### ଶେଷ ଧାଡ଼ିର ଗରିବ ଓ ଜନଜାତିଙ୍କ ସେବା ହିଁ ପ୍ରକୃତ ସେବା: ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

### ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟ ମାନଚିତ୍ର ବଦଳାଇବ ବାରିପଦାର ନୂତନ ବିଶାଳ 'ଟିଚିଙ୍ଗ୍ ହସ୍ପିଟାଲ'

**ଭୁବନେଶ୍ୱର/ବାରିପଦା,୮।୬ (ଡିକେ ନ୍ୟୁଜ୍) :** ମୟୂରଭଞ୍ଜ ଏବଂ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାରିପଦା ଗସ୍ତରେ ଯାଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉଦ୍‌ଘାଟନ କରିବା ସହିତ ଏହି ଅବସରରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏହି ବୃହତ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସୁଧାର ଆସିବ, ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି। ଏହି ବିଶାଳ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଛି। ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଆଜି ଉଦ୍‌ଘାଟିତ ହୋଇଛି, ଯାହା ଦ୍ୱାରା ଏହି ସବୁ ଅଞ୍ଚଳରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହେବ ଏବଂ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ବ୍ୟାପକ ସୁଧାର ଆସିବ। ଏହି ସମସ୍ତ ପ୍ରକଳ୍ପ ଜିଲ୍ଲାବାସୀଙ୍କୁ ସମସ୍ତ ମୌଳିକ ସେବା ଯୋଗାଇଦେବାରେ ସହାୟକ ହେବ। ଏହି ସାର୍ବଜନୀନ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ନୂତନ ବିଲ୍‌ଡିଂର ଲୋକାର୍ପଣ। ଏହି ଅତ୍ୟାଧୁନିକ ବହୁମୁଖୀ ଚିକିତ୍ସାଳୟ କେବଳ ବାରିପଦା କିମ୍ବା ମୟୂରଭଞ୍ଜ ଜିଲ୍ଲା ନୁହେଁ, ବରଂ ସମଗ୍ର ଉତ୍ତର ଓଡ଼ିଶା ଏବଂ ଏହାର ପଡ଼ୋଶୀ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉତ୍ତର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ। ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ନୂତନ ଟିଚିଙ୍ଗ୍ ହସ୍ପିଟାଲ କେବଳ ମୟୂରଭଞ୍ଜର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବ ନାହିଁ, ବରଂ ପଡ଼ୋଶୀ ଜିଲ୍ଲା, ପଡ଼ୋଶୀ ରାଜ୍ୟ ଏବଂ ଆଖପାଖର ଜନଜାତି ଅଞ୍ଚଳର ରୋଗୀମାନଙ୍କୁ ମଧ୍ୟ ବହୁଳ ଭାବେ ଉପକୃତ କରିବ। ବୃଦ୍ଧି ପାଇଥିବା ଶଯ୍ୟା ସଂଖ୍ୟା, ବିଶେଷଜ୍ଞ ଚିକିତ୍ସା ସୁବିଧା ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ଯୋଗୁ ଏହା ଉତ୍ତର ଓଡ଼ିଶାର ଏକ ପ୍ରମୁଖ ରେଫରାଲ୍ ସେଣ୍ଟର ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଯେଉଁ ଉନ୍ନତ ଚିକିତ୍ସା ସେବା ପାଇଁ ପୂର୍ବରୁ ଲୋକମାନଙ୍କୁ ଦୂର ସହରକୁ ଯିବାକୁ ପଡୁଥିଲା, ସେହି ସେବା ଏବେ ଘର ନିକଟରେ ଉପଲବ୍ଧ ହେବ, ଯାହାଦ୍ୱାରା ରୋଗୀଙ୍କ ପରିବାରର ଆର୍ଥିକ ଓ ଶାରିରୀକ କଷ୍ଟ ଦୂର ହେବା ସହିତ ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରିବ। ମୟୂରଭଞ୍ଜ ଜିଲ୍ଲାରେ ବହୁ ସଂଖ୍ୟାରେ ଜନଜାତି ଭାଇ ଭଉଣୀ ବାସ କରୁଥିବାରୁ କମ୍ୟୁନିଟି ହେଲ୍‌ଥ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଜନସ୍ୱାସ୍ଥ୍ୟ ଗବେଷଣା ଏବଂ ଜନଜାତି ବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଏହି ମେଡିକାଲ କଲେଜ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧.୩୦ କୋଟି ପରିବାରର ୩.୪୬ କୋଟି ବ୍ୟକ୍ତିଙ୍କୁ ଦେଶର ବିଭିନ୍ନ ନାମିଦାମୀ ସରକାରୀ ଓ ବେସରକାରୀ ହସ୍ପିଟାଲରେ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନର ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଯାଇଛି। ଗତ ଫେବୃଆରୀ ମାସରେ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଯାଇଥିବା ବେଳେ ଖୁବ୍ ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ। ସେହିପରି ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି, ରାୟଗଡାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ସହିତ ନୟାଗଡ ଓ ନୂଆପଡାରେ ୨ଟି ନୂଆ ହୋମିଓପାଥିକ ମେଡିକାଲ କଲେଜ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଥିଲେ । ମେଡିକାଲ କଲେଜର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡାକ୍ତରୀ କେବଳ ଏକ ବୃତ୍ତି ବା ଜୀବିକା ନୁହେଁ, ଏହା ଏକ ପବିତ୍ର ଈଶ୍ୱରୀୟ ବ୍ରତ। ଡାକ୍ତରଙ୍କ ଷ୍ଟେଥୋସ୍କୋପ୍ ଏବଂ କଲମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଅସୀମ ଶକ୍ତି ରହିଛି ଏବଂ ମୁମୂର୍ଷୁ ରୋଗୀର ଆଖିରୁ ଲୁହ ପୋଛିବା ହିଁ ଜଣେ ଚିକିତ୍ସକଙ୍କ ଜୀବନର ସବୁଠାରୁ ବଡ଼ ସଫଳତା। ମହାନ ସମାଜ ସଂସ୍କାରକ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତ୍ୟାଗ ଓ ଆଦର୍ଶକୁ ମନେ ପକାଇଥିଲେ। ସେ କହିଥିଲେ ଯେ ମୟୂରଭଞ୍ଜ ହେଉଛି ସରଳ ଓ ନିଷ୍କପଟ ଜନଜାତି ଭାଇଭଉଣୀଙ୍କ ମାଟି। ତେଣୁ ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରୁଥିବା ଭବିଷ୍ୟତର ଡାକ୍ତରମାନେ ପାଠପଢ଼ା ଶେଷ କରିବା ପରେ ସମାଜର ସବୁଠାରୁ ଶେଷ ଧାଡ଼ିରେ ଥିବା ଗରିବ, ଦଳିତ, ଅବହେଳିତ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ସେବାକୁ ନିଜର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ।

ସନାତନ ସଂସ୍କୃତିର 'ସେବା ହିଁ ପରମ ଧର୍ମ' ବାର୍ତ୍ତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରକୃତ ଡାକ୍ତରୀ ଶିକ୍ଷା ହେଉଛି ବିଜ୍ଞାନ ଓ କାରୁଣ୍ୟର ଏକ ଅପୂର୍ବ ସମନ୍ୱୟ। ଆଧୁନିକ ମେଡିକାଲ ଯନ୍ତ୍ରପାତି ରୋଗୀର କଷ୍ଟ ବୁଝିପାରେ ନାହିଁ, ମାତ୍ର ଡାକ୍ତରଙ୍କ ମୁହଁର ମିଠା କଥା ଓ ସହାନୁଭୂତିପୂର୍ଣ୍ଣ ବ୍ୟବହାର ରୋଗୀକୁ ଆନ୍ତରିକ ସୁସ୍ଥତା ପ୍ରଦାନ କରେ। ଏହି ନୂତନ ହସ୍ପିଟାଲ ଆଗାମୀ ଦିନରେ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟ ମାନଚିତ୍ର ବଦଳାଇ ଦେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବଡ଼ସାହି ବିଧାୟକ ସନାତନ ବିଜୁଳି ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡଃ ବୁଢ଼ାନ ମୁର୍ମୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଗୌରବ ବଢ଼ାଇଥିଲେ। ପ୍ରଶାସନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ମଧ୍ୟ ଏହି ମେଗା ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଭଞ୍ଜନଗର ପାଇଛେଲିଆ ଜଙ୍ଗଲରୁ ମିଳିଲା ହାତୀ ଛୁଆ କଙ୍କାଳ

**ଭୁବନେଶ୍ୱର,୮।୬ (ଡିକେ ନ୍ୟୁଜ୍) :** ଗଞ୍ଜାମଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ବନାଞ୍ଚଳର ଗାୟଗଣ୍ଡା ନିକଟସ୍ଥ ପାଇଛାଲିଆ ଜଙ୍ଗଲ ଭିତରୁ ସୋମବାର ଏକ ହାତୀ ଛୁଆର କଙ୍କାଳ ବନ ବିଭାଗ ଜବତ କରିଛି। ପ୍ରାୟ ଦୁଇମାସ ପୂର୍ବେ ହାତୀଟିର ମୃତ୍ୟୁଘଟିଥିବା ବନ ବିଭାଗର ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଜଙ୍ଗଲ ନିକଟସ୍ଥ ଏକ ଗ୍ରାମର ଜଣେ ଛେଳିଚରାଳୀ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ସେଠାରେ ଏକ ହାତୀର କଙ୍କାଳ ପଡ଼ିଥିବା ଦେଖି ଗ୍ରାମର ଅନ୍ୟମାନଙ୍କୁ ସୂଚିତ କରିଥିଲେ। ପରେ ବନ ବିଭାଗ ଅଧିକାରୀ ଏସଂପର୍କରେ ଅବଗତ ହେବା ପରେ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ।

ବନ ବିଭାଗ ଅଧିକାରୀ ଏବଂ ଡାକ୍ତର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆବଶ୍ୟକ ପରୀକ୍ଷା ପରେ କଙ୍କାଳକୁ ପୋତିଦିଆଯାଇଛି । ଉକ୍ତ ହାତୀର ଅବଶିଷ୍ଟାଂଶ ତଥା ଚମଡ଼ା ଓ ହାଡର ନମୁନା ସଂଗ୍ରହ କରାଯାଇ ପରବର୍ତ୍ତୀ ପରୀକ୍ଷା ନିମନ୍ତେ ପଠାଯାଇଛି ବୋଲି ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି। ଉକ୍ତ ହାତୀର ମାଂସକୁ କଲରାପତରିଆ ବାଘ ଓ ଜଙ୍ଗଲୀ ହିଂସ୍ର ଜନ୍ତୁ ଖାଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡୁଥିବା ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ପ୍ରାଣୀ ବିଶେଷଜ୍ଞମାନେ ହାତୀର କଙ୍କାଳ ଓ କିଛି ଚମଡ଼ାକୁ ଯାଞ୍ଚ କରିଥିଲେ। ମୃତ ହାତୀ ଛୁଆଟି ମାଈ ହାତୀ ହୋଇଥିବା ଆଶଙ୍କା କରାଯାଉଛି। ଅଧିକ ପରୀକ୍ଷା ପାଇଁ ହାଡ଼, ଚମଡ଼ା ଓ ଦାନ୍ତକୁ ପରୀକ୍ଷା ପାଇଁ ଭୁବନେଶ୍ୱର ଓୟୁଏଟିକୁ ପଠାଯାଇଛି। ଡିଏଫ୍ଓ ଶ୍ରୀ ମହାନ୍ତି, ଏସିଏଫ୍ ବିମଳ କୁମାର ପ୍ରଧାନ, ରେଞ୍ଜର ପ୍ରଶାନ୍ତ ବେହେରା ପ୍ରମୁଖ ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି। ତେବେ କେଉଁ କାରଣରୁ ମୃତ୍ୟୁବରଣ କରିଛି ସଠିକ ଜଣାପଡ଼ିନାହିଁ। ହାତୀଙ୍କ ଏଭଳି ମୃତ୍ୟୁ ସେମାନଙ୍କ ସୁରକ୍ଷା ପ୍ରତି ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି।

## ଓଡ଼ିଶାରେ ଏସଆଇଆର ୧୦ ଦିନରେ ୨ କୋଟି ୭୦ ଲକ୍ଷରୁ ଅଧିକ ଭୋଟରଙ୍କୁ ଫର୍ମ ବଣ୍ଟନ ଶେଷ

**ଭୁବନେଶ୍ୱର,୮।୬ (ଡିକେ ନ୍ୟୁଜ୍) :** ରାଜ୍ୟରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ ଆଇ ଆର) ବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଏକ ପ୍ରଶଂସନୀୟ ମାଇଲଖୁଣ୍ଟ ହାସଲ କରିଛି। ମାତ୍ର ୧୦ ଦିନର ସ୍ୱଳ୍ପ ଅବଧି ମଧ୍ୟରେ ରାଜ୍ୟର ୨ କୋଟିରୁ ଅଧିକ ଭୋଟରଙ୍କ ପାଖରେ ଫର୍ମ ପହଞ୍ଚାଇବାରେ ନିର୍ବାଚନ ପ୍ରଶାସନ ସଫଳ ହୋଇଛି। ଆଜି ସୁଦ୍ଧା ରାଜ୍ୟର ସମୁଦାୟ ଭୋଟରଙ୍କ ମଧ୍ୟରୁ ୭୫ ପ୍ରତିଶତରୁ ଅଧିକଙ୍କୁ ଏହି ଫର୍ମ ବଣ୍ଟନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ଭୋଟର ସୂଚୀକୁ ଅଧିକ ସ୍ୱଚ୍ଛ, ସଠିକ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ରାଜ୍ୟବ୍ୟାପୀ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ପ୍ରକ୍ରିୟାରେ ବିଏଲ୍ଓ ମାନେ ଘରକୁ ଘର ବୁଲି ଫର୍ମ ସଂଗ୍ରହ ଓ ବଣ୍ଟନ କରୁଛନ୍ତି। ମାତ୍ର ୧୦ ଦିନ ଭିତରେ ୨ କୋଟି ୭୦ଲକ୍ଷରୁ ଅଧିକ ଭୋଟରଙ୍କ ନିକଟରେ ପହଞ୍ଚିବା ପ୍ରଶାସନିକ ତତ୍ପରତା ଓ ସମନ୍ୱୟର ଏକ ବଡ଼ ଉଦାହରଣ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ 'ଭୋଟରମାନଙ୍କ ମଧ୍ୟରେ ସଚେତନତା ଏବଂ ପ୍ରଶାସନିକ ଦଳର ନିଷ୍ଠା ଯୋଗୁଁ ଏତେ କମ୍ ସମୟ ମଧ୍ୟରେ ଏହି ସଫଳତା ମିଳିଛି। ସମସ୍ତ ଯୋଗ୍ୟ ଭୋଟର ନିଜର ବିଏଲ୍ଓଙ୍କ ସହ ତୁରନ୍ତ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ସହ ପରିଗଣନା ଫର୍ମ ଦାଖଲ କରି ଏହି ପ୍ରକ୍ରିୟାରେ ନିଜର ନାମ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି। ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ ନମ୍ବର ୧୯୫୦ କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ। ସାଧାରଣ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭୋଟରମାନେ ଚାହିଁଲେ ବିଏଲ୍ଓଙ୍କ ପାଖକୁ ନଯାଇ ସିଧାସଳଖ ଅନଲାଇନ୍ ମାଧ୍ୟମରେ ମଧ୍ୟ ନିଜର ଫର୍ମ ଦାଖଲ କରିପାରିବେ। ସମସ୍ତ ଯୋଗ୍ୟ ଭୋଟର ନିଜର ବିଏଲ୍ଓଙ୍କ ସହ ତୁରନ୍ତ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ସହ ପରିଗଣନା ଫର୍ମ ଦାଖଲ କରି ଏହି ପ୍ରକ୍ରିୟାରେ ନିଜର ନାମ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି।

## ସେନ୍‌ସେକ୍ସରେ ୭୧୯ ପଏଣ୍ଟ ହ୍ରାସ



**ମୁମ୍ବାଇ,୮।୬:** ଇରାନ ଯୁଦ୍ଧକୁ ନେଇ ପୁଣି ଅନିଶ୍ଚିତତା ଦେଖାଦେବା ପରେ ଦେଶର ଦୁଇ ଷ୍ଟକ୍ ବଜାରରେ ଆଜି କାରବାର ପ୍ରଭାବିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୭୧୯ ପଏଣ୍ଟ୍ ହ୍ରାସ ପାଇ ୭୩,୫୨୪ ପଏଣ୍ଟ୍‌ରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ମଧ୍ୟ ୨୪୪ ପଏଣ୍ଟ୍ ହ୍ରାସ ପାଇ ୨୩,୧୨୩ ପଏଣ୍ଟରେ ବନ୍ଦ ହୋଇଛି। ଆଜି ନିବେଶକମାନେ ସୂଚନା ପ୍ରଯୁକ୍ତି, ରିଅଲ ଇଷ୍ଟେଟ୍ ଓ ଧାତବ କ୍ଷେତ୍ର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି କରିଥିଲେ। ମ୍ୟାକ୍ସ ହେଲ୍‌ଥକେୟାର, ପାୱାରଗ୍ରିଡ୍ ଓ ଏୟାରଟେଲ୍ ସେୟାର ମୂଲ୍ୟରେ ଆଜି ଅଧିକ ବୃଦ୍ଧି ହୋଇଥିଲା। ୱିପ୍ରୋ, ଜିଓ ଫିନ୍ ଓ ଜୋମାଟୋ ସେୟାର ମୂଲ୍ୟ ହ୍ରାସ ପାଇଥିଲା। ଗତ ଏପ୍ରିଲ୍‌ରେ ଯୁଦ୍ଧବିରତି ଘୋଷଣା ହେବା ପରଠାରୁ ପ୍ରଥମ ଥର ପାଇଁ ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଆକ୍ରମଣ ହୋଇଛି। ଇସ୍ରାଏଲ୍ ପକ୍ଷରୁ ପଶ୍ଚିମ ଓ ମଧ୍ୟ ଇରାନ ଉପରେ ଆକ୍ରମଣ କରାଯାଇଥିଲା। ସେହି ଖବର ପ୍ରକାଶ ପାଇବା ପରେ ଅଶୋଧିତ ତେଲ ଦରରେ ବୃଦ୍ଧି ହୋଇଥିଲା। ଏଥି ସହିତ ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଥିଲା।

## 'ବିକଶିତ ଭାରତର ସ୍ୱପ୍ନ ସାକାରରେ ଯୁବପିଢ଼ିଙ୍କ ଅବଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ'

**ନୂଆଦିଲ୍ଲୀ,୮।୬ (ପିଆଇବି) :** ଦିଲ୍ଲୀର ତ୍ୟାଗରାଜ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ' ବିକଶିତ ଭାରତ ପାଇଁ ଯୁବପିଢି: ମାଇ ଭାରତ ଯୁବ ସମ୍ମିଳନୀ'ରେ ଉଦବୋଧନ ଦେଇଥିଲେ। ଏହି ସମ୍ମିଳନୀରେ ସାରାଦେଶରୁ ଆସିଥିବା ୬୦୦୦ ରୁ ଅଧିକ ଯୁବକଯୁବତୀ ଯୋଗଦେଇଥିଲେ। ସେମାନେ ଛାତ୍ର, ଯୁବ ପେସାଦାର, ଯୁବତୀ, ଉଦ୍ୟୋଗୀ, କଣ୍ଟେଣ୍ଟ କ୍ରିଏଟର, ନବସୃଜନକାରୀ, ଉଦୀୟମାନ ନେତା ଏବଂ କୃତିତ୍ୱ ହାସଲକାରୀଙ୍କ ସମେତ ବିବିଧ ପୃଷ୍ଠଭୂମିର ପ୍ରତିନିଧିତ୍ୱ କରୁଥିଲେ। ଏହି କାର୍ଯ୍ୟକ୍ରମ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ପରିବର୍ତ୍ତନକାରୀ ଭୂମିକା ଏବଂ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଯାତ୍ରାକୁ ପ୍ରଦର୍ଶିତ କରିଥିଲା।

ଏହି ଅବସରରେ ବିଧାୟକ ଏବଂ ଗାୟିକା ମୈଥିଳୀ ଠାକୁର, ଅଭିନେତା ବିକ୍ରାନ୍ତ ମାସେ, ଉଦ୍ୟୋଗୀ ଅମନ ଗୁପ୍ତା ଏବଂ ଭାରତୀୟ କ୍ରିକେଟର ଜିତେଶ ଶର୍ମାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ 'ମୋ ଭାରତ' ଏନଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ସହ ଆଲୋଚନା କରିଥିଲେ ଏବଂ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଏହା ସହିତ ଯୁବପିଢ଼ିଙ୍କୁ ଉତ୍କର୍ଷତା ହାସଲ କରିବାକୁ ଏବଂ ଜାତୀୟ ବିକାଶରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ପ୍ରେରଣା ଦେଇଥିଲେ। ୬,୦୦୦ରୁ ଅଧିକ ଯୁବକଯୁବତୀ ଯୋଗଦେଇଥିବା ଏହି ଯୁବ ସମ୍ମିଳନୀରେ ଦେଶବ୍ୟାପୀ ନିଆଯାଇଥିବା ପ୍ରମୁଖ ଯୁବ ସଂପର୍କ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଦେଶର ୬୫ ପ୍ରତିଶତ ଜନସଂଖ୍ୟାଙ୍କ ବୟସ ୩୫ ବର୍ଷରୁ କମ ବୋଲି ଉଲ୍ଲେଖ କରି କେନ୍ଦ୍ରମନ୍ତ୍ରୀ ଡକ୍ଟର ମାଣ୍ଡଭୀୟ କହିଥିଲେ ଯେ ଭାରତର ଯୁବପିଢ଼ି ଦେଶର ସବୁଠାରୁ ବଡ଼ ଶକ୍ତି ଏବଂ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାର କେନ୍ଦ୍ରରେ ଯୁବପିଢି ଅଛନ୍ତି।

'ଯୁବକମାନେ ଆମର ଶକ୍ତି, ଆମର ଗର୍ବ, ଆମର ସଂକଳ୍ପ ଏବଂ ଆମର ଭବିଷ୍ୟତ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତୀୟ ଯୁବପିଢିଙ୍କ ପାଇଁ ନବସୃଜନ, ଉତ୍କର୍ଷତା ହାସଲ ଏବଂ ଦେଶ ନିର୍ମାଣରେ ଯୋଗଦାନ ଦେବା ପାଇଁ ଅଭୂତପୂର୍ବ ସୁଯୋଗ ସୃଷ୍ଟି ହୋଇଛି। ଷ୍ଟାର୍ଟଅପ୍, କ୍ରୀଡା, ଜନସେବା, ଉଦ୍ୟୋଗ କିମ୍ବା ସୃଜନଶୀଳ କ୍ଷେତ୍ର ହେଉ, ଯୁବ ଭାରତୀୟମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରୁଛନ୍ତି ଏବଂ ବିଶ୍ୱ ସ୍ତରରେ ଦେଶକୁ ଗର୍ବିତ କରୁଛନ୍ତି,' ସେ କହିଥିଲେ।



ଡକ୍ଟର ମାଣ୍ଡଭୀୟ ଯୁବପିଢ଼ିଙ୍କ ସାମର୍ଥ୍ୟକୁ ବିକଶିତ କରି ରାଷ୍ଟ୍ର ନିର୍ମାଣ ଦିଗରେ ବ୍ୟବହାର କରିବା ପାଇଁ 'ମାଇ ଭାରତ'ର ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ 'ମାଇ ଭାରତ'ର ଗିନିଜ୍ ବିଶ୍ୱ ରେକର୍ଡ ହାସଲକୁ ପ୍ରଶଂସା କରିଥିଲେ ଏବଂ ଯୁବପିଢ଼ିଙ୍କୁ ପ୍ଲାଟଫର୍ମର କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀ ସୁଯୋଗ ଏବଂ ରାଷ୍ଟ୍ର ନିର୍ମାଣ ପଦକ୍ଷେପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଯୁବପିଢ଼ିଙ୍କୁ ସେମାନଙ୍କର ସାମର୍ଥ୍ୟକୁ ଚିହ୍ନିବା ଏବଂ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଆହ୍ୱାନ କରି ଡକ୍ଟର ମାଣ୍ଡଭୀୟ କହିଥିଲେ, 'ଏହା ଯୁବପିଢ଼ିଙ୍କ ସମୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବିକଶିତ ଭାରତ କଳ୍ପନା କରିଛନ୍ତି ଯାହା ଯୁବ ଭାରତୀୟଙ୍କ ଚିନ୍ତାଧାରା, ନବସୃଜନ ଏବଂ ଆକାଂକ୍ଷା ଦ୍ୱାରା ଗଢ଼ାଯିବ। ଏକାଠି ହୋଇ, ଆମ ସମସ୍ତଙ୍କୁ ଏକ ପ୍ରତିଯୋଗିତାକ୍ଷମ, ଆତ୍ମବିଶ୍ୱାସୀ ଏବଂ ସ୍ୱାବଲମ୍ବୀ ଭାରତ ନିର୍ମାଣ କରିବାକୁ ପଡିବ ଯାହା ୧୪୦ କୋଟି ନାଗରିକଙ୍କ ସ୍ୱପ୍ନ ପୂରଣ କରିବ।' ଏହି ସମାବେଶକୁ ସମ୍ବୋଧିତ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରମତୀ ରେଖା ଗୁପ୍ତା କହିଥିଲେ ଯେ ଭାରତର ଯୁବପିଢ଼ି ସେମାନଙ୍କର ପ୍ରତିଭା, ଦୃଢ଼ ସଂକଳ୍ପ ଏବଂ କଠିନ ପରିଶ୍ରମ ମାଧ୍ୟମରେ ଦେଶକୁ ନୂଆ ଉଚ୍ଚତାକୁ ନେଇଯିବାକୁ ପ୍ରସ୍ତୁତ। ଦେଶ ନିର୍ମାଣରେ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରି ସେ ମନ୍ତବ୍ୟ ଦେଇଥିଲେ ଯେ ଭାରତର ଯୁବପିଢ଼ି ପରିଶ୍ରମୀ, ଦୂରଦୃଷ୍ଟିସମ୍ପନ୍ନ, ସୃଜନଶୀଳ ଏବଂ ସାହସୀ। ଯୁବ ଭାରତୀୟଙ୍କ ଦ୍ୱାରା ହାସଲ ହୋଇଥିବା ପ୍ରତ୍ୟେକ ସଫଳତା ଦେଶର ବିକଶିତ ଭାରତ ଅଭିମୁଖୀ ଯାତ୍ରାକୁ ସୁଦୃଢ଼ କରିଥାଏ। ଯେକୌଣସି କ୍ଷେତ୍ରରେ ଉତ୍କର୍ଷତା ଦୃଢ଼ ନିଶ୍ଚୟ, ଶୃଙ୍ଖଳା ଏବଂ ସମର୍ପଣ ଉପରେ ନିର୍ମିତ ବୋଲି ଉଲ୍ଲେଖ କରି ସେ କ୍ରୀଡ଼ା, ଉଦ୍ୟୋଗୀତା, କଣ୍ଟେଣ୍ଟ ତିଆରି, କଳା ଏବଂ ସାର୍ବଜନୀନ ସେବାରେ ଯୁବ ଭାରତୀୟଙ୍କ ସଫଳତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅଭିନେତା ବିକ୍ରାନ୍ତ ମାସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର କ୍ରିଏଟର୍ ଅର୍ଥନୀତିର ଉଲ୍ଲେଖନୀୟ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଏହା ସହିତ ସେ ଡିଜିଟାଲ୍ ସଶକ୍ତିକରଣ ଏବଂ ନବସୃଜନ ଦ୍ୱାରା ସୃଷ୍ଟି ହୋଇଥିବା ସୁଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍ୟୋଗୀ ଅମନ ଗୁପ୍ତା ଉଦ୍ୟୋଗୀତା, ନବସୃଜନ ଏବଂ ଏକ ଅନୁକୂଳ ବ୍ୟବସାୟିକ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରି ଭାରତକୁ ବିଶ୍ୱର ଷ୍ଟାର୍ଟଅପ୍ ରାଜଧାନୀ ଭାବରେ ପ୍ରତିଷ୍ଠା କରିବା ପାଇଁ ସରକାରଙ୍କ ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ।

ସମ୍ମିଳନୀରେ ଭାରତୀୟ କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ଏବଂ ଅବଦାନକୁ ପାଳନ କରାଯିବା ସହ କିଛି ବିଶିଷ୍ଟ କ୍ରୀଡ଼ାବିତମାନଙ୍କୁ ସମ୍ମାନିତ କରାଯାଇଥିଲା। କ୍ରିକେଟର ଜିତେଶ ଶର୍ମା 'ଭାରତରେ ଖେଳନ୍ତୁ, ଭାରତ ପାଇଁ ଖେଳନ୍ତୁ' ବିଷୟବସ୍ତୁ ଉପରେ ତାଙ୍କର ଅଭିଜ୍ଞତା ବାଣ୍ଟିଥିଲେ, ଯାହା ଯୁବ କ୍ରୀଡ଼ାବିତମାନଙ୍କୁ ଅନୁପ୍ରାଣିତ କରିଥିଲା।

ଏହି ଅଧିବେଶନରେ ଯୁବ ବ୍ୟାପାର ସଚିବ ଶ୍ରୀମତୀ ପଲ୍ଲବୀ ଜୈନ ଗୋଭିଲ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କୁ ନିରନ୍ତର ନିୟୋଜିତ ହେବା ଏବଂ ଯୁବ ନେତାମାନଙ୍କୁ ସଶକ୍ତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ମାଇ ଭାରତ ଯୁବ ସମ୍ମିଳନୀ' 'ବିକାଶିତ ଭାରତ ସଂକଳ୍ପ' ସହିତ ଶେଷ ହୋଇଥିଲା, ଯାହା ୨୦୪୭ ମସିହାରେ ସ୍ୱାଧୀନତାର ଶତବାର୍ଷିକୀ ବର୍ଷ ସୁଦ୍ଧା ଏକ ବିକଶିତ, ସ୍ୱାବଲମ୍ବୀ ଏବଂ ସମାବେଶୀ ଭାରତ ଗଠନ ଦିଗରେ ସକ୍ରିୟ ଭାବରେ ଯୋଗଦାନ ଦେବା ପାଇଁ ଯୁବ ନାଗରିକଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲା।

# ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଶ୍ୱ ପରିବେଶ ଦିବସ ପାଳିତ

**ଭୁବନେଶ୍ୱର,୮।୬ (ଡିକେ ନ୍ୟୁଜ୍) :** ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉତ୍ସାହର ସହ ପାଳନ କରାଯାଇଥିଲା। ପରିବେଶ ସୁରକ୍ଷା, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ସ୍ଥାୟୀ ବିକାଶମୂଳକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ଦିଗରେ ମଣ୍ଡଳର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିବା ସହ ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସବୁଜ ଓ ସୁସ୍ଥ ପରିବେଶ ଗଠନ ପାଇଁ ଜନସାଧାରଣଙ୍କୁ ସକାରାତ୍ମକ ପରିବେଶମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରେରିତ କରାଯାଇଥିଲା।

ଏହି ଅବସରରେ କଲ୍ୟାଣୀ ମଣ୍ଡପ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଡି. ସୁନିଲ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ଶ୍ରୀ ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶ୍ରୀ ରାଜଧାରୀ ଯାଦବଙ୍କ ସମେତ ବିଭିନ୍ନ ଶାଖା ଅଧିକାରୀ ଓ କର୍ମଚାରୀମାନେ ଚାରାରୋପଣ କରିଥିଲେ।

ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନରେ ସ୍କାଉଟ୍ସ ଓ ଗାଇଡ୍ସର ଶିଶୁମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଯାତ୍ରୀମାନଙ୍କୁ ପ୍ଲାଷ୍ଟିକ ଦୂଷଣ ରୋକିବା ଏବଂ ପରିବେଶ ଅନୁକୂଳ ଅଭ୍ୟାସ ଆପଣେଇବା ପାଇଁ ପ୍ରେରିତ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ଶ୍ରୀ ଡି. ସୁନିଲ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ଦ୍ୱାରା ଯାତ୍ରୀ ଓ ବ୍ୟବସାୟୀମାନଙ୍କୁ ଝୋଟ ବ୍ୟାଗ୍




ବଣ୍ଟନ କରାଯାଇଥିଲା ପ୍ଲାଷ୍ଟିକର ସ୍ଥାନରେ ପରିବେଶ ସୁରକ୍ଷାମୂଳ ବିକଳ୍ପ ବ୍ୟବହାର ପାଇଁ ଉତ୍ସାହିତ କରିଥିଲେ।

ବିଶ୍ୱ ପରିବେଶ ଦିବସ ଅବସରରେ ରେଳ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଚଳିତ ବର୍ଷର ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁକୁ ଆଧାର କରି ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶ୍ରୀ ଡି. ସୁନିଲ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

ଏହାସହ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ସମସ୍ତ ପ୍ରମୁଖ ରେଳ ଷ୍ଟେସନରେ ସଚେତନତା ବ୍ୟାନର ପ୍ରଦର୍ଶନ ଏବଂ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା।

ଏହା ପୂର୍ବରୁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ୧୫.୦୫.୨୦୨୬ ତାରିଖରୁ "ବିଶ୍ୱ ପରିବେଶ ଦିବସ ଅଭିଯାନ" ଆରମ୍ଭ କରିଥିଲା। ଏହି ଅଭିଯାନ ଅବଧିରେ ପରିବେଶ ସଂରକ୍ଷଣ ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ ସମ୍ବନ୍ଧୀୟ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱ ପରିବେଶ ଦିବସ ଓ ସମ୍ପୃକ୍ତ ସଚେତନତା ଅଭିଯାନର ସମସ୍ତ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ପ୍ରବନ୍ଧକ ଶ୍ରୀ ସସ୍ମିତ ମହାପାତ୍ରଙ୍କ ମାର୍ଗଦର୍ଶନରେ ଯାନ୍ତ୍ରିକ ବିଭାଗର ପରିବେଶ ଏବଂ ସ୍ୱଚ୍ଛତା ପରିଚାଳନା ଶାଖା ଦ୍ୱାରା ସଫଳତାର ସହ ସମନ୍ୱୟ ରକ୍ଷା କରାଯାଇ ସମ୍ପାଦନ କରାଯାଇଥିଲା

# କଗ୍ନିଜାଂଟ ପକ୍ଷରୁ ଏସ୍ ଟିମ ପ୍ରୋଗ୍ରାମର ଶୁଭାରମ୍ଭ

**ଭୁବନେଶ୍ୱର,୮।୬ (ଡିକେ ନ୍ୟୁଜ୍) :** କଗ୍ନିଜାଂଟ ପକ୍ଷରୁ ଆଜି କକଗ୍ନିଜାଂଟ ଏସ୍ ଟିମ୍ ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ରଣନୈତିକ ପଦକ୍ଷେପ ଯାହାକୁ ଶୀର୍ଷ ଇନିୟରିଂ ପ୍ରତିଭାମାନଙ୍କର ଏକ ଦଳ ଗଠନ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଗ୍ରାହକଙ୍କର ଏକ ଅତ୍ୟାଧୁନିକ ଡିଜିଟାଲ ରୂପାନ୍ତରଣ ପ୍ରଦାନ କରିବ ଏବଂ ଏକ ଏଆଇ ବିଲ୍ଡର ସଂସ୍ଥା ଭାବେ କମ୍ପାନୀର ବିବର୍ତ୍ତନରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବ। କଗ୍ନିଜାଂଟ ଏସ୍ ଟିମକୁ ଏକ ସିଲେକ୍ଟିଭ ହାୟାରିଂ ପ୍ରୋଗ୍ରାମ, ଏକ ଉଚ୍ଚ ପ୍ରତିଭା ମାର୍ଗ ଏବଂ କଗ୍ନିଜାଂଟର ଆଧୁନିକ କ୍ଷମତା ରଣନୀତି ସହ ଜଡିତ ଏକ ଇନିୟରିଂ କମ୍ୟୁନିଟିର ଏକ ମିଶ୍ରଣ ଭାବେ ଗଠନ କରାଯାଇଛି। ଏହି ପ୍ରୋଗ୍ରାମକୁ ଅତ୍ୟଧିକ ଦକ୍ଷ ଇନିୟରମାନଙ୍କର ଏକ ସମୁଦାୟ ନିର୍ମାଣ କରିବା ପାଇଁ ଡିଜାଇନ କରାଯାଇଛି ଯିଏ ଏଆଇ-ନାଟିଭ ଟୁଲ, ମଡର୍ଣ୍ଣ ଆର୍କିଟେକ୍ଚର ଓ ଫଳାଫଳ-ପରିଚାଳିତ ପଦ୍ଧତିର ବ୍ୟବହାର କରି ପ୍ରକୃତ ଗ୍ରାହକ ସମସ୍ୟା ଉପରେ କାର୍ଯ୍ୟ କରିବେ। ଏସ୍ ଟିମ ସଦସ୍ୟଙ୍କୁ ଉଚ୍ଚ ପ୍ରଭାବଶାଳୀ ଟିମଗୁଡିକରେ ନିୟୋଜିତ କରାଯିବାର ସମ୍ଭାବନା ରହିଛି। ଭାରତ-କେନ୍ଦ୍ରିତ ଲଂଚ ସହିତ ଏସ୍ ଟିମ, ଏଆଇ ବିଲ୍ଡର ସଂସ୍ଥା ଭାବେ କଗ୍ନିଜାଂଟର ରୂପା'ରଣର ମୂଳଦୁଆ ଭାବେ କାର୍ଯ୍ୟ କରିବ।

ଏହି ପ୍ରୋଗ୍ରାମକୁ ଉଚ୍ଚ ମୂଲ୍ୟଯୁକ୍ତ ଏଆଇ ଉତ୍ପାଦ ସୃଷ୍ଟିକୁ ସକ୍ଷମ କରିବା ଏବଂ ଜଟିଳ, ବୃହତ ସ୍ତରର ଟେକ୍ନୋଲୋଜି ପଦକ୍ଷେପଗୁଡିକୁ କାର୍ଯ୍ୟକାରୀ କରିବାରେ ସହଯୋଗ କରିବା ସହିତ ଇକୋସିଷ୍ଟମରେ ଉଦ୍ଭାବନକୁ ତ୍ୱରାନ୍ୱିତ କରିବା ପାଇଁ ଡିଜାଇନ କରାଯାଇଛି। ଏସମ୍ପର୍କରେ ଗ୍ଲୋବାଲ ଅପରେଶନ୍ସ ବିଭାଗର ଅଧ୍ୟକ୍ଷ ଏବଂ କଗ୍ନିଜାଂଟ ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରାଜେଶ ଭାରିଅର କହିଛନ୍ତି, ' କଗ୍ନିଜାଂଟ ଏସ ଟିମ ପ୍ରୋଗ୍ରାମର ଲଂଚ୍, ଆମର ଇନିୟରିଂ ଗଭୀରତାକୁ ସୁଦୃଢ଼ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରୁଛି, କାରଣ ଉଦ୍ୟୋଗଗୁଡିକ ଏଆଇ ପରୀକ୍ଷଣରୁ ବାସ୍ତବ ଦୁନିଆର କାର୍ଯ୍ୟକାରିତା ଆଡକୁ ଦ୍ରୁତ ବେଗରେ ଅଗ୍ରସର ହେଉଛନ୍ତି। ଉନ୍ନତ, ବିସ୍ତୃତ ଏଆଇ ଫଳାଫଳ ପ୍ରଦାନ କରିବା ବହୁମାତ୍ରରେ ଏଆଇ-ପ୍ରସ୍ତୁତ ଦକ୍ଷତା ଓ ମଜବୁତ ଇନିୟରିଂ ମୌଳିକତା ଉପରେ ନିର୍ଭର କରିଥାଏ। ଆମେ ଏକ ପୃଥକ ପ୍ରତିଭା ଇନ ନିର୍ମାଣ କରୁଛୁ ଯାହା ସିଧାସଳଖ ଆମର ହାଇପରପ୍ରଡକ୍ଟିଭିଟି, ଇଣ୍ଡଷ୍ଟ୍ରିଆଲାଇଜିଂ ଏଆଇ ଓ ଏଜେଂଟିଫିକେଶନର ଥ୍ରୀ-ଭେକ୍ଟର ରଣନୀତିକୁ ସମର୍ଥନ କରିବ।'

# ହିଣ୍ଡାଲକୋ ଓ ଭାରତ ସରକାରଙ୍କ ହସ୍ତତନ୍ତ ମନ୍ତ୍ରାଳୟ ମଧ୍ୟରେ ପାଇଁ ଏମ୍ଓୟୁ ସ୍ୱାକ୍ଷର

**ଭୁବନେଶ୍ୱର,୮।୬ (ଡିକେ ନ୍ୟୁଜ୍) :** ନିରନ୍ତର ସମୁଦାୟ ବିକାଶ ଏବଂ ଓଡ଼ିଶାର ପ୍ରସିଦ୍ଧ ତଥା ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ସଂରକ୍ଷଣ ତଥା ଉନ୍ନତି ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ର ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଳୟ ଅଧୀନସ୍ଥ ୱିଭର୍ସ ସର୍ଭିସ ସେଣ୍ଟର (ଡବ୍ଲ୍ୟୁଏସ୍ସି) ସହ ଓଡ଼ିଶାର ସମ୍ବଲପୁରୀ ବସ୍ତ୍ର ହସ୍ତତନ୍ତର ସାମଗ୍ରିକ ବିକାଶ ପାଇଁ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଯାଇଅଛି।

ଏହି ଏମ୍ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ ବିକାଶ ଆୟୁକ୍ତ (ହସ୍ତତନ୍ତ) ସୁଶ୍ରୀ ଏମ୍. ବୀନା, ଉପନିର୍ଦ୍ଦେଶକ ଶ୍ରୀ ବିକାଶ କୁମାର ଏବଂ ସହକାରୀ ନିର୍ଦ୍ଦେଶକ ଶ୍ରୀ ଲକ୍ଷ୍ମୀ ଶଙ୍କରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ବେଳେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଅଧ୍ୟକ୍ଷ–କର୍ପୋରେଟ୍ ଆଫେୟାର୍ସ ଡ. ବିନୋଦ ବର୍ମା, ସହକାରୀ ଉପସଭାପତି (କର୍ପୋରେଟ୍ ଆଫେୟାର୍ସ) ସୁଶ୍ରୀ ସୁମିତା ସିଂହ, ସହକାରୀ ଉପସଭାପତି (ସଷ୍ଟେନେବଲ୍ ମାଇନିଂ) ସୁଶ୍ରୀ ଅନୋମା ବସୁ, ସହକାରୀ ମହାପ୍ରବନ୍ଧକ (କର୍ପୋରେଟ୍ ଆଫେୟାର୍ସ) ଶ୍ରୀ ଅନୁଜ ଗର୍ଗ, ପ୍ରବନ୍ଧକ (ସଷ୍ଟେନେବଲ୍ ମାଇନିଂ) ସୁଶ୍ରୀ ଜିପ୍ସି ସିଦ୍ଧାନ୍ତ ଏବଂ ଯୁବ ସଷ୍ଟେନେବେଲିଟି ପ୍ରଫେସନାଲ୍ ସୁଶ୍ରୀ ଇକ୍ରା ଫାତିମା ଉପସ୍ଥିତ ଥିଲେ। ଏହି ଏମ୍ଓୟୁ ମାଧ୍ୟମରେ ବୁଣାକାର ସମ୍ପ୍ରଦାୟର ସାମାଜିକ ଓ ଆର୍ଥିକ ସ୍ଥିତିର ଉନ୍ନତି ଲକ୍ଷ୍ୟ ରଖାଯାଇଅଛି। ହିଣ୍ଡାଲକୋର ସମୁଦାୟ ବିକାଶ କାର୍ଯ୍ୟକ୍ରମ ଅଧୀନରେ କୌଶଳ ବିକାଶ, ଉତ୍ପାଦ ପରିକଳ୍ପନାରେ ନୂତନତ୍ୱ, ବଜାର ସୁବିଧା ବୃଦ୍ଧି, ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ସଂସ୍ଥାଗତ ସହାୟତା ପ୍ରଦାନ କରାଯିବ। ଏହା ସହିତ ପ୍ରଯୁକ୍ତିଗତ ଦକ୍ଷତା ବୃଦ୍ଧି, ଉତ୍ପାଦନ କ୍ଷମତାର ଉନ୍ନତି, ଜିଆଇ ପରିଚୟର ସ୍ୱତନ୍ତ୍ରତା ବଜାୟ ରଖି ଆଧୁନିକ ଓ ବିବିଧ ଉତ୍ପାଦ ବିକାଶ, ଆଧୁନିକ ଡିଜାଇନ୍ ଉପକରଣର ବ୍ୟବହାର, ବ୍ରାଣ୍ଡିଂ ଏବଂ ଡିଜିଟାଲ ଟ୍ରେସେବିଲିଟି, ବଜାର ସଂଯୋଗ ସୁଦୃଢ଼ୀକରଣ ଓ ସାମାଜିକ ସୁରକ୍ଷା ସୁବିଧାର ପ୍ରସାର ଭଳି ପଦକ୍ଷେପ ଗ୍ରହଣ କରାଯିବ। ସମ୍ବଲପୁରୀ ଇକତ୍, ଏହାର ଜଟିଳ ବନ୍ଧା-ରଙ୍ଗ, ପ୍ରଣାଳୀ ପାଇଁ ବିଶ୍ୱପ୍ରସିଦ୍ଧ। ବୁଣା ପୂର୍ବରୁ ସୂତାକୁ ରଙ୍ଗ କରିବାର ଏହି ବିଶେଷ



ପ୍ରକ୍ରିୟାରେ ଅତ୍ୟଧିକ ନିଖୁଣତା ଓ କୌଶଳର ଆବଶ୍ୟକତା ରହିଥାଏ, ଯାହା ଏହାର ବିଶିଷ୍ଟ ଜ୍ୟାମିତିକ ଓ ସାଙ୍କେତିକ ନମୁନାକୁ ସୃଷ୍ଟି କରିଥାଏ। ତେବେ ଏହି କଳାର ସାଂସ୍କୃତିକ ସମୃଦ୍ଧି ଓ ଜଟିଳତା ସତ୍ତ୍ୱେ ଅନେକ ବୁଣାକାର ଏପର୍ଯ୍ୟନ୍ତ ପାରମ୍ପରିକ ଉତ୍ପାଦନ ଚକ୍ରରେ ସୀମିତ ରହିଯାଇଛନ୍ତି, ଯାହା ଏହାର ବ୍ୟାପକ ମୂଲ୍ୟ ସୃଷ୍ଟିକୁ ବାଧାପ୍ରାପ୍ତ କରୁଛି। ଏହି ପଦକ୍ଷେପ ମାଧ୍ୟମରେ ହିଣ୍ଡାଲକୋ ସମ୍ବଲପୁରୀ ବସ୍ତ୍ରକୁ ଏକ ଆଧୁନିକ, ବିସ୍ତାରଯୋଗ୍ୟ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡ ଭାବେ ଗଢ଼ିବ। ଯାହା ପରମ୍ପରାର ମୂଳଉତ୍ସ ସହ ଜଡିତ ରହିବା ସହିତ ସମୁଦାୟ ନିର୍ଭର ଓ ମୂଲ୍ୟଭିତ୍ତିକ ମଧ୍ୟ ହେବ। ଏହି ଏମ୍ଓୟୁ ଅନୁଯାୟୀ, ୱିଭର୍ସ ସର୍ଭିସ ସେଣ୍ଟର ନୀତିଗତ ମାର୍ଗଦର୍ଶନ, ପ୍ରଯୁକ୍ତିଗତ ଦକ୍ଷତା, ଜିଆଇ ଅନୁପାଳନ ସହାୟତା ଏବଂ ସଂସ୍ଥାଗତ ଭିତ୍ତିଭୂମିର ସୁବିଧା ପ୍ରଦାନ କରାଯିବ। ଅନ୍ୟପକ୍ଷରେ ହିଣ୍ଡାଲକୋ ପ୍ରକଳ୍ପ ଏହାକୁ କାର୍ଯ୍ୟରେ ରୂପାୟନ କରିବା ସହ ବ୍ରାଣ୍ଡିଂ, ବଜାର ସଂଯୋଗ, ପ୍ରକଳ୍ପ ପରିଚାଳନା ଓ ନିରୀକ୍ଷଣ ଦାୟିତ୍ୱ ବହନ କରିବ। ତେବେ ଏହି ପ୍ରକଳ୍ପର ଅଗ୍ରଗତି ଓ ଫଳାଫଳର ସମୀକ୍ଷା ପାଇଁ ଏକ ଯୁଗ୍ମ ନିରୀକ୍ଷଣ ବ୍ୟବସ୍ଥା ମଧ୍ୟ ଗଠନ କରାଯିବ। "ସମ୍ବଲପୁରୀ ହସ୍ତତନ୍ତ ବିକାଶ ପଦକ୍ଷେପ ହିଣ୍ଡାଲକୋର ସଫଳ ସାମାଜିକ ଉଦ୍ୟମ ପ୍ରକଳ୍ପ 'କୋଶଳା'ର ଅନୁଭୂତି ଉପରେ ଆଧାରିତ। ଏହି ପ୍ରକଳ୍ପ ଛତିଶଗଡ଼ର ୭୦୦ରୁ ଅଧିକ କୋସା ରେଶମ କାରିଗରଙ୍କୁ ପାରମ୍ପରିକ କଳାର ପୁନରୁଜ୍ଜୀବନ, କୌଶଳ ବୃଦ୍ଧି ଏବଂ ବଜାର ସୁଯୋଗ ପ୍ରଦାନ ମାଧ୍ୟମରେ ସଶକ୍ତ କରିପାରିଛି। ଏହି ସହଯୋଗ ମାଧ୍ୟମରେ ମିଳୁଥିବା ମାର୍ଗଦର୍ଶନକୁ ଉପଯୋଗ କରି, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ସମ୍ବଲପୁର ଅଞ୍ଚଳର କାରିଗରମାନଙ୍କ ଜୀବନରେ ଉଲ୍ଲେଖନୀୟ ସକାରାତ୍ମକ ସାମାଜିକ-ଆର୍ଥିକ ପ୍ରଭାବ ସୃଷ୍ଟି କରିବାକୁ ପ୍ରତିବଦ୍ଧ ।"



# ଜିନପିଙ୍ଗଙ୍କ ଉତ୍ତର କୋରିଆ ଗସ୍ତ

**ପ୍ୟୋଙ୍ଗୟାଙ୍ଗ,୮।୬:** ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ୭ ବର୍ଷ ପରେ ଉତ୍ତର କୋରିଆ ଗସ୍ତ କରିଛନ୍ତି। ଏହି ଗସ୍ତ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର କାରଣ ଚୀନ୍ ରାଷ୍ଟ୍ରପତିଙ୍କ ଏହି ଗସ୍ତ ବହୁତ କିଛି କହୁଛି। ୨୦୧୯ ପରେ ଏହା ତାଙ୍କର ପ୍ରଥମ ଉତ୍ତର କୋରିଆ ଗସ୍ତ। ଯେହେତୁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବେ ବହୁତ କମ୍ ବିଦେଶ ଯାତ୍ରା କରନ୍ତି, ତେଣୁ ବିଶ୍ୱ ଅସ୍ଥିରତା ସମୟରେ ତାଙ୍କର ଉତ୍ତର କୋରିଆ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ବ୍ୟକ୍ତିଗତ ପ୍ୟୋଙ୍ଗୟାଙ୍ଗ ଗସ୍ତ ଅନେକ ବଡ଼ ସଙ୍କେତ ଦେଉଛି। ଉଭୟ ଦେଶ ପରସ୍ପରର ଚିରନ୍ତନ ବନ୍ଧୁ। ତେବେ ତାଙ୍କର ଗସ୍ତ ବିଭିନ୍ନ ପ୍ରଶ୍ନ ଉଠାଇଛି। କିମ୍ଙ୍କୁ ଭେଟି ସେ କାହାକୁ ବଡ଼ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ଏହି ଗସ୍ତ ବନ୍ଧୁତା ନା ବାଧ୍ୟବାଧକତା ଯୋଗୁ କରୁଛନ୍ତି ୨୦୨୨ ମସିହାରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ, ଉତ୍ତର କୋରିଆ ରୁଷକୁ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଏବଂ ସୈନିକ ଯୋଗାଇଥିଲା। ବଦଳରେ ରୁଷ ଉତ୍ତର କୋରିଆକୁ କୋଟି କୋଟି ଡଲାର ଏବଂ ଉନ୍ନତ ଅସ୍ତ୍ରଶସ୍ତ୍ର ପ୍ରଯୁକ୍ତିବିଦ୍ୟା ଯୋଗାଇଦେଇଥିଲା। ପୂର୍ବରୁ, ଚୀନ୍ ଉତ୍ତର କୋରିଆର ସବୁଠାରୁ ବଡ଼ ଅର୍ଥନୈତିକ ଏବଂ ରଣନୈତିକ ସହଯୋଗୀ ଥିଲା, କିନ୍ତୁ ୟୁକ୍ରେନ ଯୁଦ୍ଧ ପରେ ପରିସ୍ଥିତି ବଦଳି ଯାଇଛି। ବର୍ତ୍ତମାନ, ରୁଷ ଦ୍ରୁତ ଗତିରେ ଏହି ଭୂମିକା ଗ୍ରହଣ କରୁଛି, ଏବଂ ଚୀନ୍ ଏହି ପରିସ୍ଥିତିରେ ନିଜର ପ୍ରାସଙ୍ଗିକତା ଜାହିର କରିବାକୁ ଚାହୁଁଛି। ଏହି ଗସ୍ତ ମାଧ୍ୟମରେ, ସି ଜିନପିଙ୍ଗ ଉତ୍ତର କୋରିଆର ଶାସକ କିମ୍ ଜଙ୍ଗ ଉନଙ୍କୁ ମନେ ପକାଇଦେବାକୁ ଚାହୁଁଛନ୍ତି ଯେ, ଚୀନ୍ ସହିତ ତାଙ୍କର ପାରମ୍ପରିକ ବନ୍ଧୁତା ବଜାୟ ରହିଛି।

ରୋଡୋଙ୍ଗ ସିନମୁନ ଖବରକାଗଜରେ ସି ଜିନପିଙ୍ଗ ଲେଖିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ରକ୍ତରେ ଗଢ଼ି ଉଠିଥିବା



ବନ୍ଧୁତାର ସମ୍ପର୍କ ସମୟର ପରୀକ୍ଷାରେ ସଫଳତା ହାସଲ କରିଛି। ଦୁଇଦେଶ ଦଳ, ସରକାର ଏବଂ ସାମରିକ ସ୍ତରରେ ବୃଦ୍ଧି ପାଉଥିବା ସମ୍ପର୍କ ବିଷୟରେ ଆଲୋଚନା ଜାରି ରଖିଛନ୍ତି। ଉତ୍ତର କୋରିଆକୁ ଚୀନ୍ ଅଧିକ ଆର୍ଥିକ ସହାୟତା ପ୍ରଦାନ କରୁଛି। ଉତ୍ତର କୋରିଆର ଅର୍ଥନୀତି ଚୀନ୍ ଉପରେ ବହୁଳ ଭାବରେ ନିର୍ଭରଶୀଳ। ଚୀନ୍ ଏହି ନିର୍ଭରଶୀଳତା ବଜାୟ ରଖିବାକୁ ଚାହୁଁଛି। ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଉତ୍ତର କୋରିଆ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଏକ ଭଲ ସୁଯୋଗ। ଏହି ଗସ୍ତ ଉଭୟ ପକ୍ଷ ପାଇଁ ଦ୍ୱିପାକ୍ଷିକ ସମ୍ପର୍କକୁ ସମୟାନୁସାରେ ଆଗକୁ ବଢ଼ାଇବାର ଏକ ସୁଯୋଗ ହେବ।

ଚଳିତ ବର୍ଷ ଚୀନ୍ ଏବଂ ଉତ୍ତର କୋରିଆ ମଧ୍ୟରେ ବନ୍ଧୁତା, ସହଯୋଗ ଏବଂ ପାରସ୍ପରିକ ସହାୟତା ଚୁକ୍ତିର ୬୫ତମ ବାର୍ଷିକୀ। ଏହି ଚୁକ୍ତି ହେଉଛି ଚୀନ୍ର ଯେକୌଣସି ଦେଶ ସହିତ ଏକମାତ୍ର ଆନୁଷ୍ଠାନିକ ପ୍ରତିରକ୍ଷା ଚୁକ୍ତି। ଉତ୍ତର କୋରିଆ ମଧ୍ୟ ଜୁନ୍ ୨୦୨୪ରେ ରୁଷ ସହିତ ସମାନ ସୁରକ୍ଷା ଚୁକ୍ତି ସ୍ୱାକ୍ଷର କରିଥିଲା। ରୁଷ ସହିତ କିମ୍ଙ୍କ ବଢୁଥିବା ବନ୍ଧୁତା ନେଇ ମଧ୍ୟ ଚୀନ୍ ଚିନ୍ତିତ। ଏକ ସାମ୍ପ୍ରତିକ ମିଳିତ ବିବୃତିରେ, ଚୀନ୍ ଏବଂ ରୁଷ ଉଭୟ କହିଛନ୍ତି ଯେ ସେମାନେ କୂଟନୈତିକ ବିଚ୍ଛିନ୍ନତା, ଆର୍ଥିକ କଟକଣା ଏବଂ ସାମରିକ ଚାପ ଦୃଷ୍ଟିରୁ ଉତ୍ତର କୋରିଆର ସୁରକ୍ଷାକୁ ସମର୍ଥନ କରନ୍ତି। ଉଭୟ ଦେଶ କୋରିଆ ଉପଦ୍ୱୀପ ସମସ୍ୟାର ସମାଧାନ ପାଇଁ ଏକାଠି କାମ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଗସ୍ତର ଏକ ପ୍ରମୁଖ ଦିଗ ହେଉଛି ପରମାଣୁ ପ୍ରସଙ୍ଗ, କାରଣ ଉତ୍ତର କୋରିଆ ନିଜର ପରମାଣୁ କାର୍ଯ୍ୟକ୍ରମକୁ ବିସ୍ତାର କରିଚାଲିଛି। ସମ୍ପ୍ରତି, କିମ୍ ଜଙ୍ଗ ଉନ୍ ତାଙ୍କର ନୂତନ ୟୁରାନିୟମ୍ ସମୃଦ୍ଧି କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ତାଙ୍କ ଭଉଣୀ କିମ୍ ୟୋ ଜଙ୍ଗ ଆମେରିକାର ପରମାଣୁ ନିରସ୍ତ୍ରୀକରଣ ଦାବିକୁ ପୁରୁଣା ଏବଂ ଅବାସ୍ତବ ବୋଲି କହି ଖଣ୍ଡନ କରିଥିଲେ। ଚୀନ୍ ମଧ୍ୟ ଚାହୁଁନାହିଁ ଯେ ଉତ୍ତର କୋରିଆ ରୁଷଠାରୁ ଅଧିକ ଉନ୍ନତ କ୍ଷେପଣାସ୍ତ୍ର କିମ୍ବା ପରମାଣୁ ପ୍ରଯୁକ୍ତିବିଦ୍ୟା ହାସଲ କରୁ। ଯେହେତୁ ଉତ୍ତର କୋରିଆ ଅନିୟନ୍ତ୍ରିତ, ଏହାର ଶକ୍ତି କୋରିଆ ଉପଦ୍ୱୀପରେ ସନ୍ତୁଳନକୁ ବିପର୍ଯ୍ୟସ୍ତ କରିପାରେ, ଯାହା ଚୀନ୍ ସ୍ୱାର୍ଥ ପାଇଁ ଠିକ୍ ନୁହେଁ। ଏହି ଗସ୍ତ ଆଞ୍ଚଳିକ ସୁରକ୍ଷା ଦୃଷ୍ଟିକୋଣରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଚୀନ୍, ଉତ୍ତର କୋରିଆ ଏବଂ ରୁଷ ମଧ୍ୟରେ ବଢୁଥିବା ଘନିଷ୍ଠତା ଆମେରିକା ଏବଂ ଏହାର ସହଯୋଗୀମାନଙ୍କ ପାଇଁ ଚିନ୍ତାର ବିଷୟ। ବେଜିଂରେ ଜିନପିଙ୍ଗ, କିମ୍ ଏବଂ ପୁଟିନ୍ଙ୍କ ସାମ୍ପ୍ରତିକ ଫଟୋ ସାରା ବିଶ୍ୱରେ ଆଲୋଚନାର ବିଷୟ ପାଲଟିଛି। ଚୀନ୍ ଏହି ତ୍ରିକୋଣକୁ ମଜବୁତ କରିବାକୁ ଚାହୁଁଛି, କିନ୍ତୁ ଉତ୍ତର କୋରିଆକୁ ରୁଷ ଆଡକୁ ସମ୍ପୂର୍ଣ୍ଣ ଭାବରେ ଢଳିବାରୁ ମଧ୍ୟ ରୋକିବାକୁ ଚାହୁଁଛି। ଏହି ସମୟରେ, ଦକ୍ଷିଣ କୋରିଆ ଆଶା କରୁଛି ଯେ, ସି ଜିନପିଙ୍ଗ ଉତ୍ତର କୋରିଆକୁ କିଛି ନିୟନ୍ତ୍ରଣ କରିବେ। ଏହି ଗସ୍ତ ଚୀନ୍ର ତିନୋଟି ପ୍ରମୁଖ ଚିନ୍ତାକୁ ପ୍ରତିଫଳିତ କରୁଛି। ପ୍ରଥମରେ ରୁଷର ବର୍ଦ୍ଧିତ ପ୍ରଭାବକୁ ମୁକାବିଲା କରିବା। ଦ୍ୱିତୀୟରେ ଉତ୍ତର କୋରିଆର ପରମାଣୁ କାର୍ଯ୍ୟକ୍ରମ ଉପରେ ନଜର ରଖିବା ଏବଂ ତୃତୀୟରେ ପୂର୍ବ ଏସିଆରେ ନିଜର ରଣନୈତିକ ନିୟନ୍ତ୍ରଣ ବଜାୟ ରଖିବା। ଏହି ଗସ୍ତ କେବଳ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବାର ପ୍ରୟାସ ନୁହେଁ ବରଂ ପରିବର୍ତ୍ତିତ ବିଶ୍ୱ ସମୀକରଣରେ ଚୀନ୍ର କୂଟନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମଧ୍ୟ। ଏହା ଦ୍ୱାରା ଜିନପିଙ୍ଗ୍ ଜାପାନ-ଆମେରିକାକୁ ବଡ଼ ବାର୍ତ୍ତା ଦେବାକୁ ଚାହୁଁଛନ୍ତି।

# ଭାରତ-ପାକିସ୍ତାନ ଦ୍ରୁତ ଗତିରେ ବିକଶିତ କରୁଛନ୍ତି ପରମାଣୁ କ୍ଷେପଣାସ୍ତ୍ର

**ଷ୍ଟକହୋମ,୮।୬:** ବିଶ୍ୱ ଏକ ନୂତନ ପରମାଣୁ ବିପଦ ଆଡ଼କୁ ମୁହାଁଇଛି। ବିଶ୍ୱବ୍ୟାପୀ ପରମାଣୁ ଅସ୍ତ୍ର ବିଷୟରେ ଚିନ୍ତା ତୀବ୍ର ଭାବରେ ବୃଦ୍ଧି ପାଇଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍ଆଇପିଆରଆଇ)ର ଏକ ନୂତନ ରିପୋର୍ଟରେ କୁହାଯାଇଛି ଯେ ଅନେକ ପରମାଣୁ ରାଷ୍ଟ୍ର ସେମାନଙ୍କର ଅସ୍ତ୍ରଗୁଡ଼ିକୁ ସଂରକ୍ଷଣରୁ ବାହାର କରି କ୍ଷେପଣାସ୍ତ୍ର ଏବଂ ଅନ୍ୟାନ୍ୟ ପ୍ରକ୍ଷେପଣ ପ୍ରଣାଳୀରେ ପୁନଃନିୟୋଜନ କରୁଛନ୍ତି, ଯାହା ବିଶ୍ୱ ଉତ୍ତେଜନାକୁ ଆହୁରି ବୃଦ୍ଧି କରୁଛି। ଯଦିଓ ମୋଟ ଅସ୍ତ୍ର ସଂଖ୍ୟା ସାମାନ୍ୟ ହ୍ରାସ ପାଇଛି, ତେବେ ବିଶେଷଜ୍ଞମାନେ କହିଛନ୍ତି ଯେ, ନୂତନ ଏବଂ ଉନ୍ନତ ଅସ୍ତ୍ର ଦ୍ରୁତ ଗତିରେ ବିକଶିତ ହେଉଥିବାରୁ ଏବଂ ପୁରୁଣା ଆନ୍ତର୍ଜାତୀୟ ଚୁକ୍ତିନାମା ଦୁର୍ବଳ ହେଉଥିବାରୁ ବିପଦ ବୃଦ୍ଧି ପାଉଛି। ଏହି ପରିସ୍ଥିତି ବିଶ୍ୱକୁ ଏକ ନୂତନ ପରମାଣୁ ବିପଦ ଆଡ଼କୁ ନେଇଯାଉଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅନୁଯାୟୀ, ବିଶ୍ୱରେ ପ୍ରାୟ ୧୨,୧୮୭ ପରମାଣୁ ଯୁଦ୍ଧାସ୍ତ୍ର ରହିଛି। ସେଥିମଧ୍ୟରୁ ପ୍ରାୟ ୯,୭୪୫ ପରମାଣୁ ଯୁଦ୍ଧାସ୍ତ୍ର ଗଚ୍ଛିତ ଅଛି ଏବଂ ଆବଶ୍ୟକ ହେଲେ ତୁରନ୍ତ ବ୍ୟବହାର କରାଯାଇପାରିବ। ଶୀତଳ ଯୁଦ୍ଧ ପରଠାରୁ ପୁରୁଣା ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଦ୍ରୁତ ଗତିରେ ବନ୍ଦ କରାଯାଉଥିବାରୁ ମୋଟ ସଂଖ୍ୟା ଗତ ବର୍ଷ ତୁଳନାରେ ସାମାନ୍ୟ ହ୍ରାସ ପାଇଛି। ତଥାପି, ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ପରମାଣୁ ବିପଦ କମିବା ପରିବର୍ତ୍ତେ ବଢୁଛି। ପ୍ରକୃତରେ, ଅନେକ ଦେଶ



ସେମାନଙ୍କର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଗୋଦାମରୁ ବାହାର କରି କ୍ଷେପଣାସ୍ତ୍ର, ବିମାନ ଏବଂ ଅନ୍ୟାନ୍ୟ ବିତରଣ ପ୍ରଣାଳୀରେ ନିୟୋଜିତ କରୁଛନ୍ତି। ଏହାର ଅର୍ଥ ହେଉଛି ଯେ, ଅସ୍ତ୍ରଶସ୍ତ୍ରଗୁଡ଼ିକ ଏବେ ପୂର୍ବ ଅପେକ୍ଷା ଅଧିକ ସକ୍ରିୟ ଏବଂ ବ୍ୟବହାର ପାଇଁ ପ୍ରସ୍ତୁତ ଅବସ୍ଥାରେ ଅଛି। ଏସ୍ଆଇପିଆରଆଇର ନିର୍ଦ୍ଦେଶକ କରିମ୍ ହାଗାଗ୍ କହିଛନ୍ତି, ଯଦିଓ ଅସ୍ତ୍ରଶସ୍ତ୍ର ସଂଖ୍ୟା ହ୍ରାସ ପାଉଛି, ପରମାଣୁ ବୃଦ୍ଧି ପାଉଛି। ସେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ପ୍ରମୁଖ ରାଷ୍ଟ୍ରମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ପ୍ରତିଯୋଗିତା ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଚୁକ୍ତିନାମାକୁ ଦୁର୍ବଳ କରୁଛି। ଆମେରିକା ଏବଂ ରୁଷ ମିଳିତ ଭାବରେ ବିଶ୍ୱର ପ୍ରାୟ ୮୩% ପରମାଣୁ ଅସ୍ତ୍ରଶସ୍ତ୍ର ରଖିଛନ୍ତି ଏବଂ ସେମାନଙ୍କର ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛନ୍ତି। ଚୀନ୍ ଦ୍ରୁତ ଗତିରେ ଏହାର ଅସ୍ତ୍ରଶସ୍ତ୍ର ବୃଦ୍ଧି କରୁଛି, ଯେତେବେଳେ ଭାରତ, ପାକିସ୍ତାନ, ଉତ୍ତର କୋରିଆ ଏବଂ ଇସ୍ରାଏଲ ମଧ୍ୟ ସେମାନଙ୍କର ପରମାଣୁ କାର୍ଯ୍ୟକ୍ରମକୁ ବିସ୍ତାର କରିବା ସହ ସୁଦୃଢ଼ କରୁଛନ୍ତି, ଯାହା ବିଶ୍ୱ ଉତ୍ତେଜନାକୁ ଆହୁରି ବୃଦ୍ଧି କରୁଛି। ପାକିସ୍ତାନ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ, ଇସଲାମାବାଦ ପ୍ରାରମ୍ଭିକ ପରମାଣୁ ତ୍ରିକୋଣ ସ୍ଥଳ, ବାୟୁ ଏବଂ ସମୁଦ୍ରରୁ ପରମାଣୁ ଆକ୍ରମଣ କରିବାର କ୍ଷମତା ବିକଶିତ କରିଚାଲିଛି। ଯଦିଓ ଏହାର ସ୍ଥଳ ଏବଂ ବାୟୁ-ଭିତ୍ତିକ କ୍ଷମତା ଭଲ ଭାବରେ ପ୍ରତିଷ୍ଠିତ, ପାକିସ୍ତାନ ଏପର୍ଯ୍ୟନ୍ତ ସମୁଦ୍ର-ଭିତ୍ତିକ କ୍ଷମତା ବିକଶିତ କରିନାହିଁ, କିନ୍ତୁ ପ୍ରୟାସ ଜାରି ରଖିଛି। ରିପୋର୍ଟରେ କୁହାଯାଇଛି, ପାକିସ୍ତାନର ଅନେକ ନୂତନ ବିତରଣ ପ୍ରଣାଳୀର ବିକାଶ ଏବଂ ଏହାର ବିଖଣ୍ଡିତ ସାମଗ୍ରୀର ଗଚ୍ଛିତତା ସୂଚାଇ ଦିଏ ଯେ ଆଗାମୀ ଦଶନ୍ଧି ମଧ୍ୟରେ ଏହାର ପରମାଣୁ ଅସ୍ତ୍ରାଗାର ବୃଦ୍ଧି ପାଇବାର ସମ୍ଭାବନା ରହିଛି।

# ଆର୍ମେନିଆ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପେଶନୟାନ୍ଙ୍କ ବିପୁଳ ବିଜୟ

**ୟେରେଭାନ୍,୮।୬:** ସମଗ୍ର ବିଶ୍ୱ ଆର୍ମେନିଆର ନିର୍ବାଚନ ଫଳାଫଳ ଉପରେ ନଜର ରଖିଥିଲା। ରୁଷର ଚାପ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନିକୋଲ ପେଶନୟାନ୍ ଜିତିଛନ୍ତି। କାରଣ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁରୋପୀୟ ସଂଘରେ ଯୋଗଦେଲେ ଆର୍ମେନିଆର ଭାଗ୍ୟ ୟୁକ୍ରେନ ପରି ହେବ ବୋଲି ଧମକ ଦେଇଥିଲେ। ନିକୋଲ ପେଶନୟାନ୍ ତାଙ୍କର ଉଦ୍ଦେଶ୍ୟ ସ୍ପଷ୍ଟ କରିଛନ୍ତି ଯେ, ଯଦି ସେ ଜିତିବେ ତେବେ ଆର୍ମେନିଆ




ୟୁରୋପୀୟ ସଂଘର ଅଂଶ ହୋଇଯିବ। ନିକୋଲ ପେଶନୟାନ୍ଙ୍କ ବିଜୟ ଏବେ ଆର୍ମେନିଆକୁ ପଶ୍ଚିମ ଦେଶଙ୍କ ସହ ଯୋଗଦେବାର ପଥ ପ୍ରଶସ୍ତ ହୋଇଛି। ୨୦୨୩ ମସିହାରେ ଆଜରବାଇଜାନ ଦ୍ୱାରା ପରାଜୟ ପରେ ଏହା ଆର୍ମେନିଆର ପ୍ରଥମ ନିର୍ବାଚନ ଥିଲା। ସୋମବାର ଆର୍ମେନିଆର ପ୍ରଧାନମନ୍ତ୍ରୀ ନିକୋଲ ପେଶନୟାନ୍ ବିଜୟ ଘୋଷଣା କରିଛନ୍ତି।

ନିକଲ ପେଶନୟାନ୍ ଏବଂ ତାଙ୍କ ଦଳକୁ ୩୨ ପ୍ରତିଶତ ସମର୍ଥନ ମିଳିଛି

ସଦ୍ୟତମ ନିର୍ବାଚନ ଫଳାଫଳ ଅନୁଯାୟୀ, ଶାସକ ସିଭିଲ୍ କଣ୍ଟ୍ରାକ୍ଟ ପାର୍ଟି ୫୨.୫ ପ୍ରତିଶତ ଭୋଟ ପାଇଛି, ଯେତେବେଳେ ରୁଷ-ଆମେରିଆନ୍ କୋଟିପତି ସାମ୍ୱେଲଙ୍କ ଦଳ କେବଳ ୨୩.୨ ପ୍ରତିଶତ ପାଇଛି। ଆର୍ମେନିଆର ନିର୍ବାଚନ କମିସନ ଏହି ଫଳାଫଳ ଘୋଷଣା କରିଛନ୍ତି। ପୂର୍ବତନ ରାଷ୍ଟ୍ରପତି ରବର୍ଟ କୋଚାରିଆନ୍ଙ୍କ ଆର୍ମେନିଆ ଆଲାଏନ୍ସ ୯ ପ୍ରତିଶତ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛି। ନିର୍ବାଚନ କମିସନ ୫୯ ପ୍ରତିଶତ ମତଦାନ ହୋଇଥିବା ରିପୋର୍ଟ କରିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ନିକୋଲ ପେଶନୟାନ୍ ତାଙ୍କ ଦଳ ବିଜୟୀ ହୋଇଛି ବୋଲି କହି ଏହାକୁ ଐତିହାସିକ ବୋଲି କହିଛନ୍ତି। ଏହି ନିର୍ବାଚନରେ ଷ୍ଟ୍ରଙ୍ଗ ଆର୍ମେନିଆ ଦଳକୁ ରୁଷ ସମର୍ଥକ ବୋଲି ବିବେଚନା କରାଯାଇଥିଲା। ନିର୍ବାଚନ ଫଳାଫଳକୁ ଆଜରବାଇଜାନ ସହିତ ଆର୍ମେନିଆର ଶାନ୍ତି ପ୍ରୟାସ ଉପରେ ଏକ ଜନମତ ଭାବରେ ଦେଖାଯାଉଛି। ସର୍ଭେରୁ ଜଣାପଡିଛି ଯେ, ନିକଲ ପେଶନୟାନ୍ ଏବଂ ତାଙ୍କ ଦଳକୁ ୩୨ ପ୍ରତିଶତ ସମର୍ଥନ ମିଳିଛି, ଯେତେବେଳେ ଷ୍ଟ୍ରଙ୍ଗ ଆର୍ମେନିଆକୁ କେବଳ ୧୧ ପ୍ରତିଶତ ସମର୍ଥନ ମିଳିଛି।

## ସଂପାଦକୀୟ

# ଉପନିର୍ବାଚନର ଅଙ୍କ

ଓଡ଼ିଶାରେ ପ୍ରଥମକରି କ୍ଷମତାସୀନ ଭାରତୀୟ ଜନତା ପାର୍ଟି ପାଇଁ ବର୍ତ୍ତମାନ ନୂଆପଡ଼ା ହେଉଛି ପ୍ରଥମ ଉପନିର୍ବାଚନ ଓ ଏହାକୁ ପାର୍ଟିପାଇଁ ମର୍ଯ୍ୟାଦାର ପ୍ରଶ୍ନ ରୂପେ ଦେଖିବା ସ୍ୱାଭାବିକ। ଭାରତୀୟ ରାଜନୀତି ବିଷୟରେ ସାମାନ୍ୟତମ ଜ୍ଞାନ ରଖିଥିବା ବ୍ୟକ୍ତି କହିବ କି ଯେ କୌଣସି ଉପନିର୍ବାଚନ ହେଉ ସେଥିରେ ପ୍ରାୟତଃ କ୍ଷମତା ପକ୍ଷ ବିଜୟୀ ହୋଇଥାଏ। ସାଧାରଣତଃ ନିର୍ବାଚନ ପରିଚାଳନାରେ ସ୍ଥାନୀୟ ପ୍ରଶାସନ ଓ ବିଶେଷ କରି ରାଜ୍ୟ ପ୍ରଶାସନ ହାତରେ ମୁଖ୍ୟତଃ ଲଗାମ ରହିଥାଏ, ଯଦିଓ ସୈଦ୍ଧାନ୍ତିକ ରୂପେ ଏହାର ପରିଚାଳନା ନିର୍ବାଚନ ଆୟୋଗ ହିଁ କରିଥାଏ। ଏହି ପରିପ୍ରେକ୍ଷୀରେ ଭାଜପାର ସ୍ଥିତି ଆପାତତଃ ସୁଦୃଢ଼ ରହିଛି ଓ ନୂଆପଡ଼ାରେ ପ୍ରାକ୍ତନ ପରାଜିତ ଦଳୀୟ ପ୍ରାର୍ଥୀଙ୍କୁ ନେଇ ଯେଉଁ ସଂଶୟ ରହିଥିଲା, ତାହା ମଧ୍ୟ ନୂତନ ପ୍ରାର୍ଥୀର ପ୍ରବେଶ ଫଳରେ ଦୂର ହୋଇଯାଇଛି। ଗତ ନିର୍ବାଚନ ପର୍ଯ୍ୟନ୍ତ ସେଠାରେ ବିଜୁ ଜନତା ଦଳ ମଜବୁତ ସ୍ଥିତିରେ ରହିଥିଲା ଓ ତାଙ୍କ ବିଧାୟକଙ୍କ ଆକସ୍ମିକ ନିଧନ ଫଳରେ ଏହି ଉପନିର୍ବାଚନ ହେବାକୁ ଯାଉଛି। ସମବେଦନା ସାଉଁଟିବାକୁ ସ୍ୱାଭାବିକ ଭାବେ ପ୍ରାକ୍ତନ ବିଧାୟକଙ୍କ ଦାୟାଦ ରୂପେ ତାଙ୍କ ସୁପୁତ୍ରଙ୍କୁ ସେଠାରେ ବିଜେଡିର ପ୍ରାର୍ଥୀ କରାଯାଇ ଥାଆନ୍ତା, କିନ୍ତୁ ତାଙ୍କୁ ହରଣଚାଲ କରି ବିଜେପି ନିଜ ପ୍ରାର୍ଥୀକରି ନିଜ ସ୍ଥିତି ଆଉ ସୁଦୃଢ଼ କରିନେଇଛି। ଅପରପକ୍ଷରେ ବିଜେଡି ଆଉଜଣେ ସାମର୍ଥ୍ୟ ସମ୍ପନ୍ନ ପ୍ରାର୍ଥୀଙ୍କୁ ସେଠାରେ ଠିଆ କରେଇ ବିଜେଡି ନିଜସ୍ଥିତି ସୁନିଶ୍ଚିତ କରିବାକୁ ଏକ ପାହା ଆଗକୁ ବଢ଼ିଯାଇଛି। ଗତ ନିର୍ବାଚନର ଫଳାଫଳ ଅନୁଯାୟୀ ନୂଆପଡ଼ାରେ ଓଡ଼ିଶାର ରାଜନୀତିରେ ତୃତୀୟ ପକ୍ଷ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି, କାରଣ ସେତେବେଳେ ଜଣେ କଂଗ୍ରେସ ନେତା ସ୍ୱାଧୀନ ପ୍ରାର୍ଥୀ ରୂପେ ଯଥେଷ୍ଟ ଭୋଟସଂଗ୍ରହ କରି ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେତେବେଳେ ପ୍ରଥମ ସ୍ଥାନ ବିଜେଡି ଓ ଦ୍ୱିତୀୟ ସ୍ଥାନ ଉକ୍ତ କଂଗ୍ରେସ ନେତାଙ୍କ ଭୋଟ ମଧ୍ୟରେ ମାତ୍ର ଦଶହଜାର ବ୍ୟବଧାନ ରହିଥିଲା, ଯାହାକି ବିଶେଷ ନୁହେଁ ବୋଲି କୁହାଯାଉଛି। ସେଠାରେ କିନ୍ତୁ ତୃତୀୟ ସ୍ଥାନ ପାଇଥିବା ଭାଜପାର ସ୍ଥିତି ସେତେବେଳେ ଅତି ଦୁର୍ବଳ ରହିଥିଲା। ଏହି ପରିପ୍ରେକ୍ଷୀରେ ଏଥର ପୁଣି ନୂଆପଡ଼ା ଉପନିର୍ବାଚନ ତିନିକୋଣିଆ ସଂଘର୍ଷର ରୂପ ନେବ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ, ଯାହାକି ଗତଥର ପରିଲକ୍ଷିତ ହୋଇଥିଲା। ସେଠାରେ ସ୍ୱାଧୀନ ପ୍ରାର୍ଥୀ ରୂପେ କିଛି ନିର୍ଦ୍ଦଳୀୟ ନେତାଙ୍କ ନାମାଙ୍କନ ସତ୍ତ୍ୱେ, ମାତ୍ର ଜଣକ ବ୍ୟତୀତ ଆଉ କାହାରି କୌଣସି ଉଲ୍ଲେଖନୀୟ ଭୂମିକା ନଥିଲା। ଏଥର କିନ୍ତୁ ଏକ ନାଟକୀୟ ପରିବର୍ତ୍ତନ ହେଉଛି କି ଗତଥର ଦ୍ୱିତୀୟ ସ୍ଥାନ ହାସଲ କରିଥିବା ସ୍ୱାଧୀନ ପ୍ରାର୍ଥୀଙ୍କୁ ଆଣି କଂଗ୍ରେସ ନିଜ ଦଳୀୟ ପ୍ରାର୍ଥୀ ରୂପେ ରଣାଙ୍ଗନରେ ଠିଆ କରିଛି ଓ ତାଙ୍କ ନିଜ ନିର୍ଦ୍ଦଳୀୟ ଭୋଟ ସହିତ କଂଗ୍ରେସର ନିଜସ୍ୱ ସୁରକ୍ଷିତ ଭୋଟକୁ ମିଶାଇ ଦେଲେ ନିର୍ବାଚନୀ ଗଣିତ ତାଙ୍କ ସପକ୍ଷରେ ଯିବାର ସମ୍ଭାବନା ରହିଛି। କଂଗ୍ରେସର ଏଭଳି ଏକ ଅନୁକୂଳ ଆକଳନ ସହିତ ଏଥର ଆତ୍ମବିଶ୍ୱାସ ସର୍ବୋପରି ରହିଛି, କିନ୍ତୁ ମତଗଣନା ପୂର୍ବରୁ ନିଶ୍ଚିତ ରୂପେ କିଛି କହିହୁଏ ନାହିଁ, ଏଣୁ ଏବିଷୟରେ ନୀରବ ରହିବାକୁ ପଡୁଛି। ଇତିମଧ୍ୟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ହେଉଛି ଯେ ଗତଥରର ବିଜୟୀ ବିଧାୟକ ଆଉ ଇହଧାମରେ ନାହାନ୍ତି, କିନ୍ତୁ ତାଙ୍କ ଦାୟାଦ ରୂପେ ସୁପୁତ୍ର ଏଥର ଦଳ ବଦଳେଇ ବିଜେପିର ପ୍ରାର୍ଥୀ ହୋଇଛନ୍ତି। ସେ ପୁଣି ଏଥର କ୍ଷମତାସୀନ ଦଳର ପ୍ରାର୍ଥୀ ହୋଇଥିବାରୁ ନିର୍ବାଚନରେ ତାଙ୍କ ସ୍ଥିତି ଆହୁରି ସୁଦୃଢ଼ ହୋଇପାରେ। ଏଠାରେ କହିରଖିବା ସମିଚୀନ ହେବ କି ଗତଥର ପରି ଏଥର ଉପନିର୍ବାଚନରେ ତ୍ରିକୋଣୀୟ ସଂଘର୍ଷର ସ୍ଥିତି ରହିଥିଲେ ସୁଦ୍ଧା ଦଳୀୟ ସ୍ଥିତିରେ ନାଟକୀୟ ପରିବର୍ତ୍ତନ ଯୋଗୁଁ ତତ୍କାଳୀନ ଗଣିତର ପୁନରାବୃତ୍ତି ହେବ କି ଏକ ନୂତନ ଗଣିତୀୟ ସମିକରଣ ନିର୍ମିତ ହେବ, କିଛି କହିହେଉ ନାହିଁ। ଭୋଟ ସର୍ବସ୍ୱ ଏହି ତ୍ରିକୋଣୀୟ ସଂଘର୍ଷରେ ମତଦାତାଙ୍କ ଚୁଡାନ୍ତ ନିଷ୍ପତ୍ତିକୁ ସମସ୍ତେ ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରୁଛନ୍ତି।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଓଡିଶାରେ ବିଜେପି ସରକାରଙ୍କ ସଫଳ ଶାସନ ଓ ବିକାଶର ନୂତନ ଅଧ୍ୟାୟ



ସୌଭାଗ୍ୟ ରଂଜନ ମହାନ୍ତି

ଓଡିଶା ରାଜନୀତି ଇତିହାସରେ ଏକ ନୂତନ ଯୁଗର ଆରମ୍ଭ କରି ଭାରତୀୟ ଜନତା ପାର୍ଟି ସରକାର ଓଡିଶା ମାଟିରେ ଜନମତ ହାସଲ କରିବା ପରେ ବିକାଶର ଏକ ଭିନ୍ନ ସଂକଳ୍ପ ନେଇ କାର୍ଯ୍ୟ ଜାରି ରଖିଛି ଏବଂ ଏହି ସଫଳ ଶାସନକାଳ ମଧ୍ୟରେ ରାଜ୍ୟର ଅର୍ଥନୀତି, ସଂସ୍କୃତି , କୃଷି ଓ ଜନସାଧାରଣଙ୍କ ସାମାଜିକ ସୁରକ୍ଷା କ୍ଷେତ୍ରରେ ଅନେକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାର ଗଠନ ହେବା ଦିନଠାରୁ ହିଁ 'ଓଡିଆ ଅସ୍ମିତା' ଏବଂ ରାଜ୍ୟର ସାଂସ୍କୃତିକ ଗୌରବକୁ ପୁନରୁଦ୍ଧାର କରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିବା ଯେଉଁଥିରେ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ମହାପ୍ରଭୁଙ୍କ ଶ୍ରୀମନ୍ଦିରର ଚାରି ଦ୍ୱାର ସର୍ବସାଧାରଣଙ୍କ ପାଇଁ ଖୋଲିବା ସହ ଶ୍ରୀମନ୍ଦିରର ରତ୍ନଭଣ୍ଡାରର ସଫଳ ଗଣତି ଓ ସୁରକ୍ଷା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଥିଲା ସବୁଠାରୁ ବଡ ଐତିହାସିକ ସଫଳତା। ଏହି ସାଂସ୍କୃତିକ ଜାଗରଣ ସହିତ ସମାନ୍ତରାଳ ଭାବେ ଗରିବ, କୃଷକ ଏବଂ ମହିଳାମାନଙ୍କ ସଶକ୍ତିକରଣ ପାଇଁ ସରକାରଙ୍କ ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି, ଯାହାର ସର୍ବଶ୍ରେଷ୍ଠ ଉଦାହରଣ ହେଉଛି ଓଡିଶାର ଲକ୍ଷ ଲକ୍ଷ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ପାଇଁ ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ଯାହା ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇ ସେମାନଙ୍କୁ ସ୍ୱାବଲମ୍ବୀ ହେବାର ସୁଯୋଗ ସୃଷ୍ଟି କରାଯାଇଛି। କୃଷି ଓ କୃଷକଙ୍କ ବିକାଶକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇ ଧାନର ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଗଝଚ) କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରି କୃଷକମାନଙ୍କ ଆୟ ବଢାଇବା ଦିଗରେ ଏକ ଯୁଗାନ୍ତକାରୀ ନିଷ୍ପତି ନେଇଛନ୍ତି, ଯାହା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଚାଷୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଭରିଦେଇଛି।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡିଶାର ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାର ସୁଫଳ ପ୍ରଦାନ କରିବା ସହ ରାଜ୍ୟର ଗରିବ ଶ୍ରେଣୀର ଲୋକଙ୍କୁ ମାଗଣାରେ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଭଳି ବ୍ୟବସ୍ଥାକୁ ଅଧିକ ବ୍ୟାପକ କରାଯାଇଛି ଯେଉଁଥିରେ ବରିଷ୍ଠ ନାଗରିକ ଏବଂ ଦୁର୍ଗମ ଅଂଚଳର ବାସିନ୍ଦାମାନେ ସହଜରେ ବଡ ବଡ ଚିକିତ୍ସାଳୟରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇପାରୁଛନ୍ତି। ଶିଳ୍ପାୟନ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ଓଡିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢିତୋଳିବା ପାଇଁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଶିଳ୍ପପତିମାନଙ୍କ ସହ ସଫଳ ବୈଠକ ଅନୁଷ୍ଠିତ ହୋଇଛି ଏବଂ ଆଇଟି, ଟେକ୍ସଟାଇଲ, ଗ୍ରୀନ୍ ଏନର୍ଜି ଏବଂ ମାନୁଫାକଚରିଂ କ୍ଷେତ୍ରରେ ହଜାର ହଜାର କୋଟି ଟଙ୍କାର ପୁଞ୍ଜି ଆକର୍ଷିତ କରାଯାଇ ରାଜ୍ୟର ବେକାର ଯୁବକଯୁବତୀମାନଙ୍କ ପାଇଁ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି କରାଯାଉଛି। ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ରାଜ୍ୟର ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକର ଭିତିଭୂମି ବିକାଶ ସହ ଜାତୀୟ ଶିକ୍ଷା ନୀତି (ଘରଚ) କୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ପାରମ୍ପରିକ ଶିକ୍ଷା ସହିତ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଏବଂ କୌଶଳ ବିକାଶର ତାଲିମ ପାଇବାରେ ସକ୍ଷମ ହୋଇପାରିଛନ୍ତି। ଯୋଗାଯୋଗ ଏବଂ ଭିତିଭୂମି କ୍ଷେତ୍ରରେ ସରକାରଙ୍କ ଅବଦାନ ମଧ୍ୟ ଅତ୍ୟନ୍ତ ପ୍ରଶଂସନୀୟ, କାରଣ କେନ୍ଦ୍ର ସରକାରଙ୍କ ସହଯୋଗରେ ରେଳପଥର ସମ୍ପ୍ରସାରଣ, ଜାତୀୟ ରାଜପଥଗୁଡିକର ଆଧୁନିକୀକରଣ ଏବଂ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ସମେତ ରାଜ୍ୟର ଅନ୍ୟାନ୍ୟ ଆଂଚଳିକ ବିମାନବନ୍ଦରଗୁଡିକରୁ ବିମାନ ଚଳାଚଳ ବୃଦ୍ଧି କରାଯାଇ ପର୍ଯ୍ୟଟନ ଓ ବାଣିଜ୍ୟର ପ୍ରସାର କରାଯାଇଛି।

ସାମାଜିକ ସୁରକ୍ଷା କ୍ଷେତ୍ରରେ ମଧ୍ୟ ସରକାର ବୃଦ୍ଧ, ବିଧବା ଏବଂ ଭିନ୍ନକ୍ଷମମାନଙ୍କ ପାଇଁ ମଧୁବାବୁ ପେନସନ ଯୋଜନା ଅଧୀନରେ ଭତା ରାଶି ବୃଦ୍ଧି କରି ସେମାନଙ୍କ ଜୀବନଧାରଣର ମାନକୁ ଉନ୍ନତ କରିଛନ୍ତି, ଯାହା ପ୍ରମାଣିତ କରେ ଯେ ଏହି ସରକାର କେବଳ ସହରୀ ବିକାଶ ନୁହେଁ, ବରଂ ଗାଁର ଶେଷ ଧାଡିରେ ଠିଆ ହୋଇଥିବା ଗରିବ ଲୋକଟି ପାଖରେ ସରକାରୀ ସୁବିଧା ପହଂଚାଇବାକୁ ସଂକଳ୍ପବଦ୍ଧ। ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା, ଦୁର୍ନୀତିମୁକ୍ତ ଶାସନ ଏବଂ ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଧିକ ସକ୍ରିୟ କରାଯାଇଛି ଏବଂ ଜିଲ୍ଲାସ୍ତରରେ ଜନଶୁଣାଣୀ ମାଧ୍ୟମରେ ଲୋକଙ୍କ ସମସ୍ୟା ସିଧାସଳଖ ସରକାରଙ୍କ ନଜରକୁ ଅଣାଯାଇ ତାର ତତ୍କାଳ ନିରାକରଣ କରାଯାଉଛି। ଓଡିଶାର ଜନଜାତି ଓ ଆଦିବାସୀ ବହୁଳ ଅଂଚଳଗୁଡିକର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଏବଂ ଜଙ୍ଗଲ ଅଧିକାର ଆଇନର ସୁଫଳ ରୂପାୟନ ମାଧ୍ୟମରେ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରାଯାଇଛି, ଯାହା ଓଡିଶାର ସାମଗ୍ରିକ ଏବଂ ସମନ୍ୱିତ ବିକାଶର ଚିତ୍ର ପ୍ରଦାନ କରେ। ଶକ୍ତି କ୍ଷେତ୍ରରେ ଓଡିଶାକୁ ଆତ୍ମନିର୍ଭରଶୀଳ କରିବା ସହ ଗ୍ରାମୀଣ ଅଂଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ସୌର ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରି ପରିବେଶ ଅନୁକୂଳ ବିକାଶ ପ୍ରକ୍ରିୟାକୁ ଆଗକୁ ବଢଯାଇଛି ଯେଉଁଥିରେ ଗ୍ରୀନ୍ ଏନର୍ଜି କରିଡର ପ୍ରତିଷ୍ଠା ଏକ ପ୍ରମୁଖ ପଦକ୍ଷେପ। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ 'ସଜଳ' ଏବଂ 'ଘର ଘର ଜଳ' ମିଶନକୁ ଅଧିକ ତୀବ୍ର କରାଯାଇ ରାଜ୍ୟର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାର ଲକ୍ଷ୍ୟ ପୂରଣ ଆଡକୁ ସରକାର ଅଗ୍ରସର ହେଉଛନ୍ତି ଯାହାଦ୍ୱାରା ଜଳବାହିତ ରୋଗରୁ ଗ୍ରାମାଚଂଳର ଲୋକମାନେ ରକ୍ଷା ପାଇପାରୁଛନ୍ତି। ଓଡିଶାର ସମୁଦ୍ର ଉପକୂଳବର୍ତୀ ଅଂଚଳରେ ନୀଳ ବିପ୍ଲବ କିମ୍ବା ମତ୍ସ୍ୟ ଚାଷକୁ ପ୍ରୋତ୍ସାହନ ଦେବା ସହ ମତ୍ସ୍ୟଜୀବୀମାନଙ୍କୁ ଆଧୁନିକ ଡଙ୍ଗା ଓ ଜାଲ କିଣିବା ପାଇଁ ସବସିଡି ପ୍ରଦାନ କରାଯାଇ ସେମାନଙ୍କ ଜୀବିକାକୁ ସୁରକ୍ଷିତ କରାଯାଇଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମଧ୍ୟ ଓଡିଶା ସରକାର ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି ଯେଉଁଥିରେ ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପତି ସମୟରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଏବଂ ଶୂନ୍ୟ ଜୀବନହାନି (ତରକ୍ସକ୍ଟ ଉବଙ୍କଙ୍କବକ୍ଷଙ୍ଖଛ) ନୀତିକୁ କଡାକଡି ଭାବେ ପାଳନ କରାଯାଇ ଜନଧନର ସୁରକ୍ଷା କରାଯାଇଛି। ରାଜ୍ୟର କ୍ରୀଡା ଭିତିଭୂମିକୁ ଆହୁରି ମଜବୁତ କରିବା ସହ ଗ୍ରାମୀଣ ସ୍ତରରୁ ପ୍ରତିଭାବାନ ଖେଳାଳିମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ତାଲିମ ପ୍ରଦାନ କରିବା ପାଇଁ ବିଭିନ୍ନ ଜିଲ୍ଲାରେ କ୍ରୀଡା ଏକାଡେମୀ ପ୍ରତିଷ୍ଠା କରାଯାଇଛି, ଯାହା ଓଡିଶାକୁ କ୍ରୀଡା ରାଜଧାନୀ ଭାବେ ନିଜର ସ୍ଥିତିକୁ ଅଧିକ ସୁଦୃଢ କରିବାରେ ସାହାଯ୍ୟ କରୁଛି। ସହରୀ ବିକାଶ କ୍ଷେତ୍ରରେ ସ୍ମାର୍ଟ ସିଟି ମିଶନ ଏବଂ ଅମୃତ ଯୋଜନା ମାଧ୍ୟମରେ ଭୁବନେଶ୍ୱର, କଟକ, ରାଉରକେଲା ଏବଂ ସମ୍ବଲପୁର ଭଳି ପ୍ରମୁଖ ସହରଗୁଡିକର ସୌନ୍ଦର୍ଯ୍ୟକରଣ, ଆଧୁନିକ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଟ୍ରାଫିକ ବ୍ୟବସ୍ଥାର ଉନ୍ନତିକରଣ କରାଯାଇଛି, ଯାହା ନାଗରିକମାନଙ୍କ ଜୀବନଧାରଣକୁ ଅଧିକ ସହଜ ଏବଂ ସ୍ୱଚ୍ଛ କରିଛି। ଆଇନ ଶୃଙ୍ଖଳା କ୍ଷେତ୍ରରେ ପୋଲିସ ପ୍ରଶାସନକୁ ଅଧିକ ଲୋକାଭିମୁଖୀ ଓ ସଶକ୍ତ କରାଯାଇ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସେଲ୍ ଏବଂ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରାଯାଇ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଯାହା ଦ୍ୱାରା ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି ହୋଇପାରିଛି।

ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଶିଳ୍ପର ବିକାଶ ପାଇଁ ଓଡିଶାର ପାରମ୍ପରିକ ବୁଣାକାର ଓ କାରିଗରମାନଙ୍କୁ ଆର୍ଥିକ ସହାୟତା, ପ୍ରଦର୍ଶନୀ ମାଧ୍ୟମରେ ବଜାର ସଂଯୋଗ ଏବଂ ସେମାନଙ୍କ ଉତ୍ପାଦର ଅନଲାଇନ୍ ବିକ୍ରୟ ପାଇଁ ଡିଜିଟାଲ ପ୍ଲାଟଫର୍ମ ଯୋଗାଇ ଦିଆଯାଇଛି, ଯାହା ଓଡିଶାର କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସରକାରଙ୍କ ଏହି ସମସ୍ତ ସଫଳ କାର୍ଯ୍ୟକ୍ରମ ଏବଂ ନୀତି ପ୍ରମାଣିତ କରେ ଯେ ଗତ ଏକ ବର୍ଷର ଶାସନକାଳ ମଧ୍ୟରେ ଓଡିଶାରେ ବିଜେପି ସରକାର କେବଳ ପ୍ରତିଶ୍ରୁତି ଦେଇନାହାନ୍ତି ବରଂ ତାକୁ ବାସ୍ତବ ଭୂମିରେ ରୂପାନ୍ତରିତ କରି ଦେଖାଇଛନ୍ତି ଏବଂ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ ମନ୍ତ୍ରକୁ ସାର୍ଥକ କରି ଓଡିଶାକୁ ଭାରତର ଏକ ନମ୍ବର ଏବଂ ବିକଶିତ ରାଜ୍ୟ ଭାବେ ଗଢିତୋଳିବା ପାଇଁ ନିଜର ଯାତ୍ରା ସଫଳତାର ସହ ଜାରି ରଖିଛନ୍ତି ଯାହା ଆଗାମୀ ଦିନରେ ଓଡିଶାବାସୀଙ୍କ ପାଇଁ ଏକ ସ୍ୱର୍ଣ୍ଣିମ ଓ ସମୃଦ୍ଧ ଭବିଷ୍ୟତର ମୂଳଦୁଆ ସ୍ଥାପନ କରିଛି।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯

# ରଥକାମ ଆଗେଇ ଯାଏ, 'ହରିବୋଲ' ନାମରେ..



ପୁଷ୍ପମିତ୍ର ମହାପାତ୍ର

'ମ୍ଲେଚ୍ଛ ନିବହଃ ନିଧନେ କଳୟସୀ କର ବାଦଂ, ଧୂମକେତୁ ମୀନ କିମପି କରାଳଂ କେଶବ ଧୃତ କଳକୀ ଶରୀର, ଜୟ ଜଗଦୀଶ ହରେ...'। (ତୁମେ କଳକୀ ଅବତାରଥରରେ ମ୍ଲେଚ୍ଛ ସଂହାର କରିବା ପାଇଁ ଅତି ଭୟଙ୍କର ଧୂମକେତୁ ସଦୃଶ ଅସ୍ତ୍ରଧାରଣ କରି ଆବିର୍ଭୁତ ହୋଇଛ। ହେ ଜଗଦୀଶ ତୁମର ଜୟ ହେଉ।)

'ହରିବୋଲ' ପବିତ୍ର ନାମଟି ତୁଣ୍ଡରେ ଧରିବା ବେଳେ ପିଲାଦିନରୁ ଶୁଣି ଆସିଥିବା ସେହି ସ୍ମରଣୀୟ ଧାଡ଼ିଟି ମନେପଡ଼ି ଯାଉଛି – 'ହରିବୋଲ ହରିବୋଲ ହରିବୋଲ ଭାଇ, ହରି ବୋଲି ତରି ଗଲେ ଜଗାଇ ମାଧାଇ'। ଭକ୍ତ ଶ୍ରୀଚୈତନ୍ୟଙ୍କ ନାମ ସଂକୀର୍ତ୍ତନର ଏହି ଆଦ୍ୟ ଉଦଘୋଷଣ ପ୍ରାୟ ପ୍ରତିଟି ଓଡ଼ିଆଙ୍କ କାନରେ ଝଙ୍କୃତ ହେଉଥିବ। ତେବେ ଯିଏ ଜଗତର ନାଥ ଏବଂ ଯାହାଙ୍କ କ୍ଷେତ୍ର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଅନନ୍ୟ ଯାହାଙ୍କ ସଂସ୍କୃତି ନୀଳ ସାଗରର ସୁଦୂର ପ୍ରସାରି ଉର୍ମି ମାଳା ପରି କାହିଁ କେତେ ଦୂର ଯୋଜନ ପର୍ଯ୍ୟନ୍ତ। ମହାପ୍ରଭୁଙ୍କ ଲୀଳା ବାସ୍ତବରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ଜନଜୀବନ ଓ ସଂସ୍କାରରେ ଜଗନ୍ନାଥ ସଂସ୍କୃତି ପ୍ରତିଫଳିତ ହୁଏ। ମହାପ୍ରଭୁଙ୍କ ରଥ ନିର୍ମାଣରେ ମଧ୍ୟ 'ହରିବୋଲ ପଢ଼ିଥାଏ, ସେହି ପବିତ୍ର ଅମୃତ ବାଣୀ ରଥ ତିଆରି ପାଇଁ ଅନ୍ତର ଭିତରୁ କେବଳ ଶକ୍ତି ଦେଇନଥାଏ ବରଂ ଅନନ୍ତ, ଅସୀମ, ଆନନ୍ଦ ଓ ମହାର୍ଘ ସେବାର ସୁଯୋଗ ମଧ୍ୟ ସୃଷ୍ଟି କରିଥାଏ। ବାସ୍ତବିକ ମହାପ୍ରଭୁଙ୍କ ରଥ ନିର୍ମାଣ କ୍ଷେତ୍ରରେ ଯେତିକି ବୈଚିତ୍ରତା ରହିଛି ସେତିକି ରହସ୍ୟ ମଧ୍ୟ। ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି ପ୍ରତ୍ୟେକ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାଦୀପ ଉଠିବା ପରେ ହରିବୋଲ ପଢ଼ିଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ପୂର୍ଣ୍ଣବ୍ରହ୍ମ ସେ ଦାରୁରୂପୀ ଏ ସଂସାରର କର୍ତ୍ତା ଭାବରେ ଜଗତର ଦୁଃଖ ହରଣ କରିଥାନ୍ତି। ଆମେ ଆମ ନିତିଦିନିଆ ପୂଜା ପାର୍ବଣ ଓ ଆଧାତ୍ମିକ କାର୍ଯ୍ୟକ୍ରମରେ ପୁରୁଷ ମାନଙ୍କ ଦ୍ୱାରା 'ହରିବୋଲ' ଓ ମହିଳା ମାନଙ୍କ ଦ୍ୱାରା 'ହୁଳହୁଳି' ପବିତ୍ର ଧ୍ୱନି କାର୍ଯ୍ୟ ପାଇଁ ଶକ୍ତି ଯୋଗାଇଥାଏ ମହାପ୍ରଭୁଙ୍କ ।

ମହାପ୍ରଭୁଙ୍କ ତିନି ରଥର ନିମାଣ ପାଇଁ ଭୋଇ ସେବକ ବ୍ୟବସ୍ଥା ସମ୍ପର୍କରେ ଶ୍ରୀମନ୍ଦିର ସତ୍ୱଲିପିରେ ଉଲ୍ଲେଖ ରହିଛି। ତିନି ରଥର ମୁଖ୍ୟ ମହାରଣାଙ୍କ ସହିତ ଭୋଇ ସେବକମାନେ ସମନ୍ୱୟ ରକ୍ଷା କରି ତିନି ରଥ ନିର୍ମାଣରେ ସାମଗ୍ରିକ ସହଯୋଗ ପ୍ରଦାନ କରିଥାନ୍ତି। ପ୍ରାଥମିକ ଭାବେ ରଥ ଅନୁକୂଳ ଅର୍ଥାତ୍ ଅକ୍ଷୟ ତୃତୀୟା ଠାରୁ ରଥର ସିଂହାସନ ପଛରେ ପ୍ରଭା ଲାଗିବା ପର୍ଯ୍ୟନ୍ତ ଯାହାକୁ ରଥର ଶେଷ କାର୍ଯ୍ୟ କୁହାଯାଏ। ଏହି ଭୋଇ ସେବକମାନେ ହିଁ ସମ୍ପନ୍ନ କରିଥାନ୍ତି ବୋଲି ଗବେଷକ ଶ୍ୟାମ ପ୍ରସାଦ ସେନାପତି ତଥ୍ୟ ଉଲ୍ଲେଖ କରିଛନ୍ତି। ନିର୍ମାଣ ଶୈଳୀ ମନ୍ଦିର ସଦୃଶ। ରଥ ତିଆରିରେ ଗୋଟି ଗୋଟି କରି କାଠ ସଂଯୋଗ କରାଯାଏ ନାହିଁ। ବରଂ ପରସ୍ତ ପରସ୍ତ କରି ଏହାକୁ ରଥ ଉପରେ ସଂଯୋଗ କରାଯାଏ। ଭୋଇ ସେବକମାନେ ପ୍ରତ୍ୟେକ ପ୍ରମୁଖ କାର୍ଯ୍ୟ ସମ୍ପାଦନ ପରେ ହରିବୋଲ ପକାଇଥାନ୍ତି। ମୋଟ ନଅ ଥର ହରିବୋଲ ପକାଇ ରଥ କାର୍ଯ୍ୟ ସମ୍ପାଦାନ କରିଥାନ୍ତି। ଭୋଇ ସର୍ଦ୍ଦାର କହିବା ଅନୁଯାୟୀ ମହାପ୍ରଭୁଙ୍କର ଯେଉଁ ଦିନ ଭଉଁରୀ ଯାତ୍ରା ଅନୁଷ୍ଠିତ ହୁଏ ସେଇଦିନ ଅଖ ଚକ ସଂଯୋଗ ହୁଏ। ଚକ ଅଖ ସଂଯୋଗ ପରେ ପ୍ରଥମ ହରିବୋଲ ପକାଇଥାନ୍ତି। ପାଞ୍ଚ ଦଣ୍ଡା ରଥ ଉପରକୁ ଉଠିବା ଦିନ ଦ୍ୱିତୀୟ ହରିବୋଲ ପଢ଼ିଥାଏ। ଚାରି ନାହାକା ସଂଯୋଗ ଭଳି ଏକ ପ୍ରମୁଖ କାର୍ଯ୍ୟ ସମ୍ପାଦନ ପରେ ପଢ଼ିଥାଏ ତୃତୀୟ ହରିବୋଲ।

ପ୍ରଥମ ଭୂଇଁ ତଥା ଛ'କାଠ ଉଠିବା ପରେ ଚତୁର୍ଥ ହରିବୋଲ ପକାଇଥାନ୍ତି। ଅଗ ଭୂଇଁ ଟୁଙ୍ଗୁରା ସଂଯୋଗ ହେବାପରେ ଯେଉଁଦିନ ବଡ଼ ପୋଟାଳ ଉଠାଯାଏ ଉକ୍ତ ଦିନ ପଞ୍ଚମ ଥର ପାଇଁ ହରିବୋଲ ପଢ଼ିଥାଏ। ପାରାଭାଡ଼ି ଓ ଖପୁରୀ ଉଠାଇବାପରେ ରଥର ସମ୍ମୁଖ ଭାଗ ବନ୍ଦ କରାଯାଇ ଷଷ୍ଠ ଦିନ ହରିବୋଲ ପକାଯାଏ। ଶୁଆ, ଅଁଳା ଓ କଳସ ଉପରକୁ ଉଠିବା ପରେ ସପ୍ତମ ହରିବୋଲ ପଢ଼ିଥାଏ। ତିନି ରଥର ଚାରିଟି ଲେଖାଏଁ ବାରଟି ଦୁଆର ଉଠାଇବା ପରେ ଅଷ୍ଟମ ହରିବୋଲ ପକାଯାଏ। ଯେଉଁଦିନ ରଥର ପ୍ରଭା ଓ ସିଂହାସନ କାମ ଲାଗେ, ସେ ଦିନ ରଥର ସମ୍ପୂର୍ଣ୍ଣ କାମ ଶେଷ ହୋଇଯିବା ପରେ ଆଜ୍ଞାମାଳକୁ ଅପେକ୍ଷା କରି ରହିଥାଉ। ଆଜ୍ଞାମାଳ ବିଜେ ପରେ ରଥ ଟଣା କାର୍ଯ୍ୟ ହେବା ବେଳକୁ ନବମ ହରିବୋଲ ପକାଯାଏ। ଏହି ହରିବୋଲ ପକାଇବା ପରମ୍ପରା ଭୋଇ ସେବକମାନେ ଆବାହମାନ କାଳରୁ ଅନୁକରଣ କରି ଆସୁଛନ୍ତି। ଏହି ହରିବୋଲ ପରମ୍ପରା ବିଶ୍ୱାସ ଓ ସଫଳତାର ପ୍ରତୀକ ଭାବେ ବିବେଚନା କରାଯାଏ। ତିନି ରଥ ପାଇଁ ଭୋଇ ସେବକମାନେ ତିନି ଭାଗ ହୋଇ ରହିଥାନ୍ତି। ଯଦିଓ ରଥ କାମ ସେବା ଭାବେ ଅଭିହିତ, କିନ୍ତୁ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଦେଖିବାକୁ ମିଳିଥାଏ। ଏହି ପ୍ରତିଯୋଗିତା ମନୋଭାବ କେବଳ ଉତ୍ସାହ ଉଦ୍ଦେଶ୍ୟରେ ଦେଖିବାକୁ ମିଳିଥାଏ।

ମହାପ୍ରଭୁଙ୍କ ସଂସ୍କୃତି ସନାତନ ସଂସ୍କୃତି। ସଚରାଚର ବିଶ୍ୱର ସର୍ବମୟ କର୍ତ୍ତା ଭାବେ ବିଦିତ, କୋଟି କୋଟି ଭକ୍ତଜନଙ୍କର ସେ କେବଳ ପ୍ରାଣର ପବନ ନୁହଁନ୍ତି ବରଂ ହୃଦୟର ସ୍ପନ୍ଦନ, ସେ ବିଶ୍ୱ ଦେବତା ଭାବରେ ବିଶ୍ୱର ପ୍ରତିଟି କୋଣରେ ଆରାଧିତ, ପୂଜିତ। କୋଟି କୈବଲ୍ୟନାଥ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଦେବତା। ମହାପ୍ରଭୁଙ୍କ ରଥ ନିର୍ମାଣ ସମୟରେ ହରିବୋଲ ସଂସ୍କୃତି ଆମକୁ ଚେତାଇ ଦେଇଥାଏ ହରିମନସ୍କ ଦ୍ୱାରା ହିଁ ଜୀବନ ମୁକ୍ତି ହୋଇଥାଏ। ପବିତ୍ର ହରିନାମ ଉଚ୍ଚାରଣ କରିବାମାତ୍ରେ ଆମ ମାନଙ୍କର ସର୍ବପାପ ଧୋଇ ହୋଇଯାଏ ଏବଂ ଆମ ଭିତରେ ସକରାତ୍ମକ ଭାବନା ସୃଷ୍ଟି କରିଥାଏ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ସେକ୍ଟର-୬, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୬୮୯,

# ଜନ ପ୍ରତିନିଧିଙ୍କ ପେନସନକୁ ନେଇ ପ୍ରଶ୍ନ



ଗୋପାଳ ମହାପାତ୍ର

ଭାରତ ଏକ ଗଣତନ୍ତ୍ରିକ ରାଷ୍ଟ୍ର ଅଟେ ଯେଉଁଠି ଜନତା ସର୍ବୋଚ୍ଚ ବୋଲି କୁହାଯାଏ ଏବଂ ଜନପ୍ରତିନିଧି ଜନତାଙ୍କ ସେବକ ଭାବରେ କାର୍ଯ୍ୟ କରିଥାନ୍ତି। କିନ୍ତୁ ସମୟ ବଦଳିବା ସାଙ୍ଗକୁ ଏକଥା ମଧ୍ୟ ବଦଳିଯାଇଛି। ଏବେ ଜନ ପ୍ରତିନିଧି ମାନ୍ୟବର ଓ ଶାସକ ଏବଂ ଜନତା ଅବହେଳିତ ପ୍ରଜା ପାଲଟିଯାଇଛନ୍ତି। ଏ ପ୍ରସଙ୍ଗରେ ଅନେକ କଥା ସମୟରେ ଏମିତି ସାମନାକୁ ଆସେ ଯାହା ଗଣତନ୍ତ୍ରର ମୂଳ ଭାବନା ଉପରେ ପ୍ରଶ୍ନଚିହ୍ନ ଆଙ୍କି ଦେଇଥାଏ। ଏବେ ପୂର୍ବତନ ସାଂସଦ ମାନଙ୍କ ପେନସନ ଓ ସେମାନେ ପାଉଥିବା ସୁବିଧା ସୁଯୋଗକୁ ନେଇ ଆରମ୍ଭ ହୋଇଥିବା ଆଲୋଚନା/ତର୍ଜମା ଏହି ଶ୍ରେଣୀରେ ଆସୁଛି। ମାନ୍ୟବର ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ପୂର୍ବତନ ସାଂସଦ ମାନଙ୍କୁ ଦିଆଯାଉଥିବା ପେନଶନ ଓ ସୁବିଧା ସୁଯୋଗର ଔଚିତ୍ୟ କ'ଣ? ସୁପ୍ରିମକୋର୍ଟଙ୍କ ଏହି ପ୍ରଶ୍ନ ପରେ ଏ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ପ୍ରଶ୍ନ କେବଳ ଏକ ପ୍ରଶାସନିକ ବା ଆଇନଗତ ପ୍ରସଙ୍ଗ ନୁହେଁ ବରଂ ଏହା ସାମାଜିକ ନ୍ୟାୟ, ସମାନତା ଏବଂ ଗଣତାନ୍ତ୍ରିକ ମୂଲ୍ୟ ସହ ଯୋଡି ହୋଇଥିବା ବିଶୟ ଅଟେ। କାହିଁକି ଗୋଟିଏ ବର୍ଗକୁ ବିଶେଷାଧିକାର ପ୍ରଦାନ କରାଯିବ ଓ ଅନ୍ୟ ବର୍ଗଙ୍କୁ କଡ଼ା ନିୟମ ଏବଂ ସୀମାରେଖା ମଧ୍ୟରେ ବାନ୍ଧି ଦିଆଯିବ? ଏଭଳି ପ୍ରଶ୍ନ ଲୋକଙ୍କ ମନରେ ଉଠୁଛି ଓ ଉଠିବା ମଧ୍ୟ ସ୍ୱାଭାବିକ୍।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନପ୍ରତିନିଧି ଲୋକ ବା ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଲୋକଙ୍କ ହିତ ବା ସ୍ୱାର୍ଥର ସୁରକ୍ଷା ଏବଂ ସମାଜର ବିକାଶ ଦିଗରେ କାମ କରିବା ପାଇଁ। ଏହା ଏକ ଦାୟିତ୍ୱ ମଧ୍ୟ,ଏହା କୌଣସି ସ୍ଥାୟୀ ଲାଭ ପ୍ରାପ୍ତ କରିବାର ମାଧ୍ୟମ ନୁହେଁ। ପରନ୍ତୁ ଯେତେବେଳେ ଜନପ୍ରତିନିଧି ମାନଙ୍କୁ ଆଜୀବନ ପେନସନ ଓ ଅନ୍ୟକେତେକ ସୁବିଧା ସୁଯୋଗ ଏବଂ ବିଶୋଷାଧିକାର ଦିଆଯାଇଥାଏ ସେତେବେଳେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଏହି ବ୍ୟବସ୍ଥା ସେବା ପାଇଁ ନା ବିଶେଷାଧିକାର ପାଇବା ପାଇଁ? ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କୁ ପେନସନ ପାଇବା ପାଇଁ ଅନେକ ବର୍ଷ ସେବା କରିବାକୁ ପଡିଥାଏ। ୨୦ ରୁ ୩୦ ବର୍ଷର ଚାକିରୀ ପରେ ସେ ପେନସନ ପାଇବା ପାଇଁ ହକଦାର ହୋଇଥାନ୍ତି । କିନ୍ତୁ ସାଂସଦ ବା ବିଧାୟକଙ୍କ କ୍ଷେତ୍ରରେ ଗୋଟିଏ କାର୍ଯ୍ୟକାଳ, ତାହା ପୁଣି ୫ବର୍ଷ ପେନଶନ ପାଇବା ପାଇଁ ପର୍ଯ୍ୟାପ୍ତ ହୋଇଥାଏ। ଏହି ଅସମାନତା କେବଳ ଯେ ଆର୍ଥୀକ ଦୃଷ୍ଟିରୁନୁହେଁ ବରଂ ନୈତିକ ଦୃଷ୍ଟିର ମଧ୍ୟ ଚିଂାଜନକ। ପୂର୍ବତନ ସାଂସଦ/ ବିଧାୟକଙ୍କୁ ଦିଆଯାଉଥିବା ପେନସନ ବାବଦ ଅର୍ଥ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ସୃଜନ ଏବଂ ବୁନିଆଦି ସୁବିଧା ପାଇଁ ନିବେଶ କରାଯିବା ଉଚିତ୍ ନୁହେଁ କି? ଯୁକ୍ତି ଦର୍ଶାଯାଇ ପାରେ ଯେ ଏହି ଅର୍ଥ ଅଧିକ ନୁହେଁ। କିନ୍ତୁ ପ୍ରସଙ୍ଗ କେବଳ ଅର୍ଥର ପରିମାଣ କୁ ନେଇ ନୁହେଁ ବରଂ ଏହା ସିଦ୍ଧାନ୍ତର ପ୍ରସଙ୍ଗ ଅଟେ। ଯଦି ଗୋଟିଏ ବ୍ୟବସ୍ଥା ଅସମାନତା ବୃଦ୍ଧି କରୁଥାଏ ତେବେ ତାର ଆର୍ଥୀକ ପ୍ରଭାବ ସୀମିତ ବହି ତାକୁ ଠିକ୍ ବୋଲି କୁହାଯାଇପାରିବ ନାହିଁ।

ଏ ପ୍ରସଙ୍ଗ ବା ବିଶୟର ଏକ ସପକ୍ଷବାଦୀ ପକ୍ଷ ହେଉଛି ଜନ ପ୍ରତିନିଧି ମାନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ସେମାନଙ୍କୁ କିଛି ସୁବିଧା ସୁଯୋଗ ମିଳିବା ଉଚିତ୍। ଯୁକ୍ତି ହେଉଛି ସାଂସଦ/ବିଧାୟକ ହେବା ପରେ ବ୍ୟକ୍ତି ନିଜର ପେଶା, ବ୍ୟବସାୟ ବା ଚାକିରୀ ଠାରୁ ଦୁରେଇ ଯାଇଥାଏ। ଏଣୁ ତାର କାର୍ଯ୍ୟକାଳ ସମାପ୍ତ ହେବାପରେ ତା ପାଖରେ ସ୍ଥାୟୀ ଆୟର ସ୍ରୋତ ନଥାଏ। ଏତଦ୍ ବ୍ୟତୀତ ଏକଥା ବି କୁହାଯାଏ ଯେ ଯଦି ଜନପ୍ରତିନିଧିଙ୍କୁ ଆର୍ଥୀକ ସୁରକ୍ଷା ଦିଆଯିବ ନାହିଁ ତେବେ ସେମାନେ ସ୍ୱତନ୍ତ୍ର ଏବଂ ନିରପେକ୍ଷ ନିଷ୍ପତି ନେବାରେ ସକ୍ଷମ ହେବେନାହିଁ, ସେମାନେ ବାହାର ପ୍ରଭାବ ପ୍ରତି ଅଧିକ ସମ୍ବେଦନଶୀଳ ହୋଇପାରନ୍ତି ଯାହାଦ୍ୱାରା ଗଣତନ୍ତ୍ରର ଗୁଣବ□। ପ୍ରଭାବିତ ହୋଇପାରେ। ଏହି ଯୁକ୍ତି ହୁଏତ ଠିକ ଲାଗିପାରେ କିନ୍ତୁ ପ୍ରଶ୍ନ ହେଉଛି କ'ଣ ବର୍ତ୍ତମାନ ବ୍ୟବସ୍ଥା ସଂୁଳିତ ଅଟେ ନା ଏହା ସୁବିଧା 'ଆବଶ୍ୟକତା'ର ଆଗକୁ ଯାଇ 'ବିଶେଷାଧିକାର'ର ରୂପ ନେଇ ସାରିଛି?

ପୂର୍ବତନ ସାଂସଦ/ ବିଧାୟକଙ୍କ ପେନଶନ ଏବଂ ସୁବିଧା ସୁଯୋଗକୁ ନେଇ ଉଠୁଥିବା ଏହି ଚର୍ଚ୍ଚା/ ଆଲୋଚନା ଏକ ନୀତିର ପ୍ରଶ୍ନ ନୁହେଁ ବରଂ ଏହା ଗଣତନ୍ତ୍ରର ଆତ୍ମା ସହ ଯୋଡିହୋଇଥିବା ବିଶୟ ଅଟେ। ଏ ପ୍ରସଙ୍ଗକୁ ନେଇ ଅଧିକ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ତର୍ଜମା କରାଯିବାର ଆବଶ୍ୟକତ୍। ଯେ ଆମେ ବାସ୍ତବରେ କ'ଣ ସମାନତା ଏବଂ ନ୍ୟାୟର ସିଦ୍ଧା'କୁ ପାଳନ କରୁଛେ? ସରକାର ଏବଂ ନୀତି ନିର୍ମାତା ମାନେ ଏ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ଏମିତି ଏକ ବ୍ୟବସ୍ଥା ବିକଶିତ କରିବା ଉଚିତ୍ ଯାହା ତର୍କ ସଙ୍ଗତ ହେବ ଓ ନ୍ୟାୟସଙ୍ଗତ ହେବ। ଜନପ୍ରତିନିଧିଙ୍କୁ ସମ୍ମାନ ଓ ସୁରକ୍ଷା ମିଳୁ କିନ୍ତୁ ଏହା ବିଶେଷାଧିକାରର ରୂପ ନନେଉ। ଏକ ମଜଭୁତ ଗଣତନ୍ତ୍ରରେ ଜନତାଙ୍କ ବିଶ୍ୱାସ ସର୍ବୋପରି ଏବଂ ଏହି ବିଶ୍ୱାସକୁ ବଜାୟ ରଖିବା ପାଇଁ ନୀତିରେ ପାରଦର୍ଶିତା ସମାନତା ଏବଂ ଉ□ରଦାୟୀତ୍ୱକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ପଡିବ।

ରାମଚନ୍ଦ୍ରପୁର, ରଣପୁର
ମୋ: ୦୪୩୮୪୮୫୦୯୪

# ଆତ୍ମ ଚେତନା

ପ୍ରଦୀପ୍ତ କୁମାର କର

ଫଳ ଦେଉ ନ ଥିବା ଅନେକ ଗଛ ଏ ଦୁନିଆରେ ଅଛି , କିନ୍ତୁ ଫଳ ନ ଥିବା କୌଣସି କର୍ମ ଏ ଦୁନିଆରେ ନାହିଁ । କର୍ମ ମାତ୍ରେ ହିଁ ଫଳ ନିଶ୍ଚିତ ସେ ଭଲ ହେଉ ବା ମନ୍ଦ ହେଉ । କର୍ମ ଫଳ ରେ ସୁଖ ଆସିପାରେ ବା ଦୁଃଖ ଆସିପାରେ । ସତ୍ କର୍ମ ର ଫଳ ସୁଖ ଓ ଅସତ୍ କର୍ମ ର ଫଳ ଦୁଃଖ ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ଅସତ୍ କର୍ମ କୁ ଜାଣି ମଧ୍ୟ ଅନେକ ସେହି ବାଟରେ ଚାଲି ଯାଆନ୍ତି ଓ ସେହି ଅସତ୍ କର୍ମ ରେ ନିଜକୁ ଏତେ ପରିମାଣ ରେ ମଜ୍ଜି ଯାଆନ୍ତି ଯେ ତାକୁ ପରିତ୍ୟାଗ କରିବା ସେମାନଙ୍କ ପାଇଁ ଅନେକ କଷ୍ଟସାଧ ହୁଏ । କର୍ମ ଥିବ , କର୍ମ ର ଫଳ ଥିବ , କିନ୍ତୁ କର୍ମ ଫଳ ର ଆସକ୍ତି ନ ଥିବା ମନୁଷ୍ୟ ହିଁ ପ୍ରକୃତ ଜୀବନ କୁ ହିଁ ବୁଝିପାରି ସର୍ବଦା ଶାନ୍ତି ରେ ରହନ୍ତି ।ଆସକ୍ତି ନ ଥିଲେ ସୁଖର ଆକର୍ଷଣ ବା ଦୁଃଖରୁ ପରିତ୍ରାଣ ର ଚିନ୍ତା ନ ଥାଏ ।

ଆସକ୍ତି ନ ଥିଲେ ବି କର୍ମ ଥାଏ , କର୍ତ୍ତା ଥାଏ , କର୍ମ ଫଳ ଥାଏ , କର୍ତ୍ତା ଭାବ ନ ଥାଏ , ଫଳା ସିକ୍ତ ନ ଥାଏ ତେବେ କର୍ମ ପ୍ରବାହ ରେ ଛନ୍ଦି ହୋଇ ଆଉଟୁ ପାଉଟୁ ହେବାର ଭୟ ନ ଥାଏ ।ତେବେ ଏପରି ଅବସ୍ଥା ହେଉଛି ସଚ୍ଚିଦାନନ୍ଦ ଅବସ୍ଥା ଯାହା କି ଜୀବାତ୍ମା ର ସର୍ବୋତ୍ତମ ଲକ୍ଷ୍ୟ ହେବା ଉଚିତ୍ । ନିମ୍ନ ପ୍ରକୃତି ର କବଳ ରୁ ସମ୍ପୂର୍ଣ୍ଣ ମୁକ୍ତି ଲାଭ ଅବସ୍ଥା ହିଁ ଆତ୍ମଚେତନା । କିନ୍ତୁ ନିମ୍ନ ପ୍ରକୃତି କୁ ପରଭୂତ କରି ତାକୁ ଆପଣା ଇଚ୍ଛାରେ ପରିଚାଳିତ କରିବାର ନାମ ହେଉଛି ସତ୍ୟଚେତନା । ଆତ୍ମ ଚେତନା ରେ ପ୍ରତିଷ୍ଠିତ ହେଲେ ପ୍ରକୃତିର ଖେଳ କୁ ଜଣେ ସାକ୍ଷୀ ଭାବରେ ଦେଖେ କିନ୍ତୁ ଏହି ଖେଳ ରେ ଜଡ଼ିତ ହୁଏ ନାହିଁ ।ଅର୍ଥାତ୍ ଦୁଃଖ ଓ ସୁଖ କୁ ଅନୁଭବ କରେ କିନ୍ତୁ ନିଜେ ଅତି ଦୁଃଖୀ ବା ଅତି ଖୁସି ହୁଏ ନାହିଁ। ଯାହା କୁ ସ୍ଥିତପ୍ରଜ୍ଞ କୁହାଯାଏ । ଥରେ ଏହି କଥାକୁ ସ୍ୱାମୀ ଶ୍ରୀ ଆତ୍ମନନ୍ଦ ତାଙ୍କର ପ୍ରବଚନ ରେ ମନୁଷ୍ୟ ମାନଙ୍କୁ ସଂସାର ର ଚଳନୀ ଉପରେ ତାଙ୍କର ବ୍ୟାଖ୍ୟା ରଖିଥିଲେ ।

ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର
ଭୁବନେଶ୍ୱର

## ନଳକୂପ ମରାମତି ପାଇଁ ପ୍ରଶାସନକୁ ଧନ୍ୟବାଦ ଦେଲେ ପଡାବାସୀ



କୁଚିଣ୍ଡା,୦୮ ।୦୬(ଡିକେ ନ୍ୟୁଜ୍):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତ ଅନ୍ତର୍ଗତ ପତ୍ରାପାଲି ଗାଁ ବସଷ୍ଟାଣ୍ଡ ପାଖ ୭ ନମ୍ବର ୱାର୍ଡ ଉପର ହରିଜନ ପଡା ର ନଳକୂପ ରେ ଗତ କିଛିଦିନ ଧରି ନାଲି ରଙ୍ଗର ପାଣି ବାହାରୁଥିଲା ।ଏହି ପରିପ୍ରେକ୍ଷିରେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କୁ ପଡାବାସୀ ଙ୍କ ଅଭିଯୋଗ କ୍ରମେ, ଶୁକ୍ରବାର ସକାଳ ସମୟରେ ପଞ୍ଚାୟତ ଏସ୍ ସିଏସ୍ ରୋହିତ ଧାନ ଏବଂ ନଳକୂପ ମରାମତି ଟିମ୍ ଆସି ଉକ୍ତ ନଳକୂପ ର ମରାମତି କରିଥିଲେ । ଏଥିରେ ପଡାବାସୀ ସହଯୋଗ କରିଥିଲେ ।ଏହି ଅବସରରେ ପଡାବାସୀ ପ୍ରଶାସନ କୁ ତଥା କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ଯନ୍ତ୍ରୀ କେଦାର ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଶା ପ୍ରଧାନ, ସରପଞ୍ଚ ସୁବାସିନୀ ଧାନ ପ୍ରମୁଖ ଙ୍କୁ ନଳକୂପ ର ମରାମତି କାମ କରାଇଥିବା ଯୋଗୁଁ ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ ।

## ବ୍ୟାଡ଼ମିଣ୍ଟନ ଆସୋସିଏସନର ସାଧାରଣ ବୈଠକ



ଝାରସୁଗୁଡା୮/୬(ଡିକେ ନ୍ୟୁଜ୍):-ଝାରସୁଗୁଡ଼ା ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନର ସାଧାରଣ ବୈଠକ ଗତକାଲି ସଂଧ୍ୟାରେ ହୋଟେଲ ମୋହିନୀ ସମ୍ମିଳନୀ ଗୃହରେ ଆସୋସିଏସନର ସଭାପତି ପ୍ରତାପ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଆସୋସିଏସନର ଚଳିତ ନିର୍ବାଚନ ପାଇଁ ଆଇନଜୀବୀ ଧିରେନ କୁମାର ଶତପଥୀଙ୍କୁ ସର୍ବସମତି କ୍ରମେ ମୋନନୀତ କରାଯାଇଛି । ଏହି ବୈଠକରେ ଗତ ମେ ମାସ ଠାରୁ ଆରମ୍ଭ ହୋଇଥିବା ୩୦ ଦିନିଆ ଗ୍ରୀଷ୍ମକାଳିନ ପ୍ରଶିକ୍ଷଣ ବିଷୟରେ ଆଲୋଚନା କରାଯାଇଥିଲା । ଚଳିତ ମାସରେ ଅତ୍ୟଧିକ ଗ୍ରୀଷ୍ମ ପ୍ରଭାବ ଯୋଗୁ ପ୍ରଶିକ୍ଷଣ ପାଇଁ ବାଳକ ବାଳିକା ମାନେ ବିଶେଷ ଆଗ୍ରହ ପ୍ରକାଶ କରି ନଥିବାରୁ ମାତ୍ର ୪୦ ଜଣ ଯୋଗ ଦେଇଛନ୍ତି। ଏହା ଶୀତକାଳୀନ ସମୟରେ ପ୍ରଶିକ୍ଷଣର ବ୍ୟବସ୍ଥାକୁ ସର୍ବସମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା । ଆସୋସିଏସନର ପଦପଦବୀରେ ଥିବା ବହୁ ସଦସ୍ୟ ବାରମ୍ବାର ଅନୁପସ୍ଥିତ ରହୁଥିବାରୁ ଚିନ୍ତାବ୍ୟକ୍ତ କରାଯାଇଥଲା । ଆସୋସିଏସନର ସମ୍ପାଦକ ଶୁଭମ ଶର୍ମା ବିବରଣୀ ପାଠ ପଢିଥିଲେ । ଏହି ବୈଠକରେ ବ୍ୟାଡ଼ମିଣ୍ଟନ ଆସୋସିଏସନର ସଭାପତି ପ୍ରତାପ କୁମାର ବେହେରା,ଉପଦେଷ୍ଟା ଜୀବନ ମହାନ୍ତି,ସମ୍ପାଦକ ଶୁଭମ ଶର୍ମା ,କୋଷାଦକ୍ଷ ନୃପ ଭୋଇ,ଅରୁଣ ମୁଦ୍ରା, ଦିପକ ଶର୍ମା, ବିଜୟ ମୁଦ୍ରା, ବାଲାଜୀ ସାକ୍ସେନା,ସନ୍ଦିପ ଅଗସ୍ତି, ମୋହନ ସାହୁ, ସନ୍ଦିପ ଲାରା,କିଶୋର କୁମାର ମହାନ୍ତି , ଅଭିଷେକ ଲାଠ,ରଣଜିତ ମାସିସ,ଖୀରୋଧ ଚନ୍ଦ୍ର ରାଉତ ଓ ଶୁଭେନ୍ଦୁ ଦାସ ପ୍ରଭୃତି ଉପସ୍ଥିତ ଥିଲେ ।

## ରୋଗୀଙ୍କ ପାଇଁ ଆସିଥିବା ଖଟ ଓ ଗଦି ଖରା ବର୍ଷାରେ ନଷ୍ଟ, ଚଟାଣରେ ଚିକିତ୍ସା ନେଉଛନ୍ତି ରୋଗୀ : ଦାୟୀ କିଏ ?

ରାୟଗଡ଼ା,୮/୬(ଡିକେ ନ୍ୟୁଜ୍): ସରକାର ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ରୋଗୀଙ୍କ ପାଇଁ ଖଟ, ଗଦି, ଚିକିତ୍ସା ଉପକରଣ ଓ ଅନ୍ୟାନ୍ୟ ସରଞ୍ଜାମ କ୍ରୟ କରାଯାଉଛି। କିନ୍ତୁ ରାୟଗଡ଼ା ଜିଲ୍ଲାରେ ଏହି ଅର୍ଥ କେତେ ସଠିକ୍ ଭାବେ ବିନିଯୋଗ ହେଉଛି, ତାହାକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି ।ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ଉଗଡ)ଙ୍କ କାର୍ଯ୍ୟାଳୟ ବାରିଝୋଲା ପରିସରରେ ରୋଗୀଙ୍କ ପାଇଁ ଆସିଥିବା ବହୁମୂଲ୍ୟ ଖଟ, ଗଦି ଏବଂ ଅନ୍ୟାନ୍ୟ ସାମଗ୍ରୀ ଦୀର୍ଘଦିନ ଧରି ଖୋଲା ଆକାଶ ତଳେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଖରା, ବର୍ଷା ଓ ଧୂଳିମାଟିରେ ଏହି ସରଞ୍ଜାମ ନଷ୍ଟ ହେବାକୁ ବସିଥିବା ବେଳେ ଅନ୍ୟପଟେ ଜିଲ୍ଲାର ବହୁ ସରକାରୀ ଚିକିତ୍ସାଳୟରେ ରୋଗୀମାନେ ଖଟ ଅଭାବରୁ ଚଟାଣରେ ଶୋଇ ଚିକିତ୍ସା ନେଉଥିବା ଅଭିଯୋଗ ସମୟ ସମୟରେ ସାମ୍ନାକୁ ଆସୁଛି ।ଯଦି ଏହି ସାମଗ୍ରୀ ରୋଗୀଙ୍କ ବ୍ୟବହାର ପାଇଁ କିଣାଯାଇଥିଲା, ତେବେ ଏହାକୁ ହସ୍ପିଟାଲଗୁଡ଼ିକୁ ବଣ୍ଟନ କରାଯାଇନଥିଲା କାହିଁକି ? କେଉଁ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହା ବର୍ଷ ବର୍ଷ ଧରି ଖୋଲାରେ ପଡ଼ି ରହିଛି ? ଏହି ସାମଗ୍ରୀର କ୍ରୟ ମୂଲ୍ୟ କେତେ ? ଏହାର ରକ୍ଷଣାବେକ୍ଷଣ ପାଇଁ କିଏ



ଦାୟୀ ? ଏହି ସବୁ ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ଉଙ୍କି ମାରୁଛି । ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ଏହା କେବଳ ପ୍ରଶାସନିକ ଅବହେଳା ନୁହେଁ ବରଂ ସରକାରୀ ଅର୍ଥର ସିଧାସଳଖ ଅପଚୟ। ଜନସାଧାରଣଙ୍କ ଟିକସ ଅର୍ଥରେ କିଣାଯାଇଥିବା ସାମଗ୍ରୀ ଯଦି ରୋଗୀଙ୍କ କାମରେ ନଆସି ନଷ୍ଟ ହୁଏ, ତେବେ ଏହା ପାଇଁ ଦାୟୀ କିଏ ? ଉଠୁଛି କିଛି ଗୁରୁତର ପ୍ରଶ୍ନ :ଉଗଡ କାର୍ଯ୍ୟାଳୟ ପରିସରରେ ଏତେ ପରିମାଣର ସାମଗ୍ରୀ କେବେଠାରୁ ପଡ଼ି ରହିଛି ? ଏହି ସାମଗ୍ରୀ କ୍ରୟ ପାଇଁ କେତେ ସରକାରୀ ଅର୍ଥ ବ୍ୟୟ ହୋଇଛି ?ଜିଲ୍ଲାର କେଉଁ କେଉଁ ହସ୍ପିଟାଲରେ ଖଟର ଆବଶ୍ୟକତା ଥିବା ସତ୍ତ୍ୱେ ଏହାକୁ ବଣ୍ଟନ କରାଯାଇନଥିଲା କାହିଁକି ?ନଷ୍ଟ ହେଉଥିବା ସାମଗ୍ରୀର କ୍ଷତିପୂରଣ କିଏ ଦେବ ?ଏହି ଘଟଣାରେ କୌଣସି ଅଧିକାରୀଙ୍କ ଅବହେଳା କିମ୍ବା ଦାୟିତ୍ୱହୀନତା ରହିଛି କି ?ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରିବ କି ? ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଭଳି ଅବ୍ୟବସ୍ଥା ଜିଲ୍ଲା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ତୁରନ୍ତ ସାମଗ୍ରୀଗୁଡ଼ିକୁ ହସ୍ପିଟାଲଗୁଡ଼ିକରେ ବ୍ୟବହାର ପାଇଁ ପଠାଇବାକୁ ଜନସାଧାରଣ ଦାବି କରିଛନ୍ତି।

## ଧର୍ମଗଡ଼ରେ ବିଶ୍ୱ ପରିବେଶ ଦିବସ ପାଳିତ,ସୁସ୍ଥ ଜୀବନ ପାଇଁ ପ୍ରକୃତି ଏବଂ ପରିବେଶର ସୁରକ୍ଷା ଆବଶ୍ୟକ




ଧର୍ମଗଡ,୮/୬(ଡିକେ ନ୍ୟୁଜ):ଆଜି ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଧର୍ମଗଡ଼ ଠାରେ ବିଜ୍ଞାପିତ ଅଞ୍ଚଳ ଓ ବନ ବିଭାଗ ପକ୍ଷରୁ ସଚେତନତା ଓ୍ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଧର୍ମଗଡ଼ କଳାହାଣ୍ଡି ଉତ୍ସବ ପଡ଼ିଆ ଠାରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କ ପାଇଁ ପ୍ରଥମ ଥର ସକାଶେ ପ୍ରାଚୀର ଚିତ୍ର ଅଙ୍କନ ପ୍ରତିଯୋଗୀତା ସହ ଇଣ୍ଡୋର ଷ୍ଟାଡିୟମ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଏନଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଉପାଧ୍ୟକ୍ଷା ମନିଷା ମିଶ୍ର, ସାମାଜିକ କର୍ମୀ ହୃଷିକେଶ ମିଶ୍ର ଓ ପାରିଷଦ ବୃନ୍ଦ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ରୂପାୟନ କରଯାଇଥିଲା। ଏହି ଅବସରରେ ଅତିଥି ଗଣ ସ୍ମାର୍ଟ ପାର୍କ ପାର୍ଶ୍ୱସ୍ଥିତ ବିଜୁ ଏକ୍ସପ୍ରେସ ରାସ୍ତା କଡ଼ରେ ପରିବେଶ ଦିବସ ପାଳନ ଉପଲକ୍ଷେ ବୃକ୍ଷ ରୋପଣ କରିଥିଲେ। ପର୍ଯ୍ୟାବରଣ ଦ୍ୱିସ ପାଳନ ଉପଲକ୍ଷେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ସ୍ଥାନୀୟ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଉପାଧ୍ୟକ୍ଷା ମନିଷା ମିଶ୍ର, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, କଲେଜ ର ଏନ ଏସ ଏସ ର ମୁଖ୍ୟ ସରୋଜ କୁମାର ପଣ୍ଡା, ରେଞ୍ଜର ଭବାନୀ ଶଙ୍କର କହଁର, ସାମାଜିକ କର୍ମୀ ହୃଷିକେଶ ମିଶ୍ର, ଓ ପଞ୍ଚାୟତ କଲେଜର ଛାତ୍ର ଛାତ୍ରୀ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ ।'ମା ପାଇଁ ଗଛଟିଏ' ବାର୍ତ୍ତା ଦେବା ପାଇଁ ବିଧାୟକ ଅତିଥି ମାନଙ୍କ ସହ ବନ ବିଭାଗ କର୍ମଚାରୀ ଙ୍କ ଉପସ୍ଥିତିରେ ଚାରା ବଣ୍ଟନ କରି ନିଜେ ନିଜେ ଗଛର ଯତ୍ନ ନେବା ପାଇଁ ପରାମର୍ଶ ଦିଆ ଯାଇଥିଲା।

## ବିଶ୍ୱ ପରିବେଶ ଦିବସରେ ଜେକେ ପେପର ମିଲ୍ସର ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ




ରାୟଗଡ଼ା, ୮/୬(ଡିକେ ନ୍ୟୁଜ୍):: ବିଶ୍ୱ ପରିବେଶ ଦିବସ ଅବସରରେ ଜେକେ ପେପର ମିଲ୍ସ ପରିସରରେ ଏକ ବ୍ୟାପକ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ କମ୍ପାନୀର ଉପସଭାପତି (ବାଣିଜ୍ୟ) ଶ୍ରୀ ବିଶ୍ୱଜିତ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭ ବୃକ୍ଷରୋପଣ ମାଧ୍ୟମରେ ହୋଇଥିଲା। ଏହି ଅବସରରେ ମିଲ୍ସର କର୍ମଚାରୀମାନେ ପ୍ରାୟ ୧,୫୦୦ଟି ଚାରାରୋପଣ କରି ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଦ୍ୱିବେଦୀ ଚଳିତ ବର୍ଷର ବିଷୟବସ୍ତୁ "ଜଳବାୟୁ କାର୍ଯ୍ୟାନୁଷ୍ଠାନ – ସ୍ଥାୟୀ ଭବିଷ୍ୟତ ପାଇଁ ପ୍ରତ୍ୟେକ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ" ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ଆଜି ବିଶ୍ୱ ସମ୍ମୁଖୀନ ହେଉଥିବା ସବୁଠାରୁ ଗୁରୁତର ଚ୍ୟାଲେଞ୍ଜ ମଧ୍ୟରୁ ଅନ୍ୟତମ। ବୃକ୍ଷରୋପଣ, ଶକ୍ତି ସଂରକ୍ଷଣ, ପ୍ଲାଷ୍ଟିକ ବ୍ୟବହାର ହ୍ରାସ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ମାଧ୍ୟମରେ ଏହି ସମସ୍ୟାର ମୁକାବିଲା କରାଯାଇପାରିବ। ସେ ଆହୁରି କହିଥିଲେ ଯେ, ବ୍ୟକ୍ତି ଓ ଅନୁଷ୍ଠାନ ସ୍ତରରେ ନିଆଯାଉଥିବା ଛୋଟ ଛୋଟ ସକାରାତ୍ମକ ପଦକ୍ଷେପ ସମୂହଗତ ଭାବେ ଏକ ସବୁଜ, ପରିଷ୍କାର ଓ ସ୍ଥାୟୀ ଭବିଷ୍ୟତ ଗଠନରେ ସହାୟକ ହୋଇପାରିବ। ପୃଥିବୀର ସୁରକ୍ଷା ପାଇଁ ସମାଜର ସମସ୍ତ ବର୍ଗର ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ଶ୍ରୀ ଅଶୋକ ଭୋଇ, ସହକାରୀ ଯନ୍ତ୍ରୀ ଶ୍ରୀ ପ୍ରଭୁଦେବ ବେହେରା, ଜେକେ ପେପର ମିଲ୍ସର ବରିଷ୍ଠ ମହାପ୍ରବନ୍ଧକ (ମେକାନିକାଲ) ଶ୍ରୀ ଏମ.ଆର.କେ. ରାୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପରିବେଶ, ସୁରକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମହାପ୍ରବନ୍ଧକ ଶ୍ରୀ ସତ୍ୟଜିତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିବେଶ ନିୟନ୍ତ୍ରଣ ଓ ସୁରକ୍ଷା ବିଭାଗର ଅଧିକାରୀମାନେ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ।

## ପାଣି ଓ ବିଜୁଳି ସମସ୍ୟାରେ ଫୁଟିଲା ଜନଅସନ୍ତୋଷ : କୁମ୍ଭିକୋଟାରେ ଗ୍ରାମବାସୀଙ୍କ ରାଜରାସ୍ତା ଅବରୋଧ




ରାୟଗଡ଼ା, ୮/୬(ଡିକେ ନ୍ୟୁଜ୍):: ଦୀର୍ଘ ଦିନ ଧରି ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟାରେ ଅତିଷ୍ଠ ହୋଇ ଶେଷରେ ରାସ୍ତାକୁ ଓହ୍ଲାଇଛନ୍ତି ରାୟଗଡ଼ା ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମର ଲୋକମାନେ। ସୋମବାର ଗ୍ରାମବାସୀମାନେ ଏକଜୁଟ ହୋଇ ରାଜରାସ୍ତା ଅବରୋଧ କରି ନିଜର ପ୍ରତିବାଦ ଜଣାଇଥିଲେ ।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କୁମ୍ଭିକୋଟା ଗ୍ରାମରେ ଦୀର୍ଘ ଦିନ ହେବ ପାନୀୟ ଜଳ ଯୋଗାଣ ବ୍ୟାହତ ହେବା ସହ ବିଦ୍ୟୁତ ସେବା ମଧ୍ୟ ଅନିୟମିତ ରହିଛି। ଏହାକୁ ନେଇ ସେମାନେ ବାରମ୍ବାର ଜଳ ଯୋଗାଣ ବିଭାଗ, ବିଦ୍ୟୁତ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇନଥିଲା। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଥିଲା।'ଆମେ ବହୁବାର ଅଧିକାରୀମାନଙ୍କୁ ଜଣାଇଛୁ। ଲିଖିତ ଭାବେ ଅଭିଯୋଗ ମଧ୍ୟ କରିଛୁ। କିନ୍ତୁ ଆମ କଥା କେହି ଶୁଣୁନାହାନ୍ତି। ପିଇବା ପାଣି ପାଇଁ ଲୋକେ ହଇରାଣ ହେଉଥିବା ବେଳେ ବିଦ୍ୟୁତ ସମସ୍ୟା ମଧ୍ୟ ନିତିଦିନିଆ ଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ବାଧ୍ୟ ହୋଇ ଆଜି ଆମେ ରାଜରାସ୍ତାକୁ ଓହ୍ଲାଇଛୁ,' ବୋଲି ପ୍ରତିବାଦକାରୀମାନେ କହିଥିଲେ ।ରାସ୍ତା ଅବରୋଧ ଯୋଗୁଁ କିଛି ସମୟ ପାଇଁ ଯାତାୟାତ ବ୍ୟାହତ ହୋଇଥିଲା। ଉଭୟ ପାର୍ଶ୍ୱରେ ଗାଡ଼ି ଧାଡ଼ି ଲାଗି ରହିଥିଲା ଏବଂ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।ଖବର ପାଇ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ରାଜସ୍ୱ ଓ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀମାନେ ରାସ୍ତା ଅବରୋଧରୁ ହଟିଥିଲେ ଏବଂ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।ତେବେ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ଖୁବ ଶୀଘ୍ର ପାଣି ଓ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ନ କରାଯାଏ, ତେବେ ସେମାନେ ପୁଣି ଆନ୍ଦୋଳନକୁ ତୀବ୍ର କରିବେ। ସାଧାରଣ ଲୋକଙ୍କ ମତରେ ପାନୀୟ ଜଳ ଓ ବିଦ୍ୟୁତ ଭଳି ମୌଳିକ ସୁବିଧା ଯୋଗାଇବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଏହି ସମସ୍ୟା ପ୍ରତି ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି।

## ପଦ୍ମପୁର ପୋଲିସକୁ ବଡ ସଫଳତା: ଲକ୍ଷାଧିକ ଟଙ୍କାର କଫ ସିରପ ଜବତ, ଦୁଇ ଅଭିଯୁକ୍ତ ଗିରଫ



ପଦ୍ମପୁର, ୮/୬(ଡିକେ ନ୍ୟୁଜ୍): ବରଗଡ଼ ଜିଲ୍ଲା ପଦ୍ମପୁର ପୋଲିସକୁ ଆଜି ବିଳମ୍ବିତ ସନ୍ଧ୍ୟାରେ ନିଶା କାରବାର ବିରୋଧରେ ଏକ ବଡ଼ ସଫଳତା ମିଳିଛି। ପୋଲିସ ଗଡ଼ଭାଟି ଛକ ନିକଟରେ ଚଢ଼ଉ କରି ଲକ୍ଷାଧିକ ଟଙ୍କା ମୂଲ୍ୟର ବେଆଇନ କଫ ସିରପ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଏହି ଚଢ଼ଉ ସମୟରେ ପଦ୍ମପୁର ତହସିଲଦାର ମାନସ ପଣ୍ଡା ଉପସ୍ଥିତ ଥିଲେ ।ଅପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପଦ୍ମପୁର ପୋଲିସ ପକ୍ଷରୁ ଚାଲିଥିବା ଯାଞ୍ଚ ବେଳେ ଗଡ଼ଭାଟି ଛକଠାରେ ଏହି ବେଆଇନ କାରବାରର ପର୍ଦ୍ଦାଫାଶ ହୋଇଛି । ପୋଲିସ ସେମାନଙ୍କ ନିକଟରୁ ମୋଟ ୨୨ଟି ପ୍ଲାଷ୍ଟିକ୍ ବସ୍ତା ଜବତ କରିଛି। ପ୍ରତ୍ୟେକ ବସ୍ତାରେ ୩ଟି କାର୍ଟୁନ୍ ରହିଥିବା ବେଳେ ପ୍ରତି କାର୍ଟୁନରେ ୧୨୦ଟି 'ୱିନସରେକ୍ସ' (ଡସଭମରକ୍ସରଘ) କଫ ସିରପ ବୋତଲ ରହିଥିଲା। ଏହିପରି ଭାବେ ମୋଟ ୭,୯୨୦ ବୋତଲ କଫ ସିରପ ଜବତ କରାଯାଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା ହେବ। ଏଥିସହିତ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଏକ ଗାଡ଼ି (ନଂ- ଙଡ଼ ୦୨ ଉଚ ୪୭୪୫) କୁ ମଧ୍ୟ ପୋଲିସ ଜବତ କରିଛି ।ଏହି ଘଟଣାରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ:୧. ମାନସ ପାଣ୍ଡେ (୨୫), ପିତା- ପ୍ରେମରାଜ ପାଣ୍ଡେ, ଗ୍ରାମ- ଝଙ୍କରପାଲି, ଥାନା- ପଦ୍ମପୁର, ଜିଲ୍ଲା- ବରଗଡ଼ ।୨. ଶରତ ଚନ୍ଦ୍ର ତୁଙ୍ଗା (୩୨), ପିତା- ସୁବାଷ ଚନ୍ଦ୍ର ତୁଙ୍ଗା, ସାଲିଆସାହି (ୱାର୍ଡ ନଂ-୨୬), ଥାନା- ନୟାପଲ୍ଲୀ, ଜିଲ୍ଲା- ଖୋର୍ଦ୍ଧା। ଭୁବନେଶ୍ୱରରୁ ପଦ୍ମପୁର ଅଞ୍ଚଳକୁ ଏହି ବେଆଇନ କଫ ସିରପ ଚାଲାଣ ହେଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଅଧ୍ୟାପକ ଅଭୟ ଲେଙ୍କାଙ୍କ ଶ୍ରଦ୍ଧାଞ୍ଜଳି ସଭା

ନୟାଗଡ଼,୮/୬(ଡ଼ିକେ ନ୍ୟୁଜ): ନୟାଗଡ଼ ଜିଲା ଇଟାମାଟି ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ଅଧ୍ୟାପକ ସ୍ୱର୍ଗତ ଅଭୟ କୁମାର ଲେଙ୍କାଙ୍କ ପରଲୋକ ହୋଇଯାଇଛି । ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ଡ. ସଲିଳା ସାମଲଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସହ ସଭା ଆୟୋଜନ କରାଯାଇଥିଲା । ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା ପରିଷଦର



ପୂର୍ବତନ ସଦସ୍ୟ ପ୍ରଦ୍ୟୁମ୍ନ କୁମାର ସାହୁ, ଉମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଲେଙ୍କାଙ୍କ ସ୍ମୃତିଚାରଣ କରିବା ସ?ହ ଶିକ୍ଷାଦାନ ଓ ସେବା ମନୋବୃତ୍ତିକୁ ବେଶ୍ ପ୍ରଶଂସା କରିଥିଲେ । ଏହାସହ ମହାବିଦ୍ୟାଳୟର ପୁରାତନ ଛାତ୍ର ଶରତ ଚନ୍ଦ୍ର ବାଇ, ଗୁଣନିଧି ମହାପାତ୍ର ଓ ପ୍ରଭାତ ରଞ୍ଜନ ମିଶ୍ର ପ୍ରମୁଖ ସ୍ୱର୍ଗତ ଲେଙ୍କାଙ୍କ ଛାତ୍ର ବତ୍ସଳତା ଓ ତ୍ୟାଗ ମନୋଭାବର ପ୍ରଶଂସା କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଶାନ୍ତ କୁମାର ରଥ, ସୁଶାନ୍ତ କୁମାର ପାତ୍ର, ପ୍ରଫୁଲ୍ଲ କୁମାର ମହାପାତ୍ର, ପବିତ୍ର ବେହେରା, ଗଣେଶ ପରିଡ଼ା, ଅଧ୍ୟାପିକା ନିରୋଜ ନଳିନୀ ଦାସ, ଭାରତୀ ମିଶ୍ର, ରମାକାନ୍ତ ତ୍ରିପାଠୀ, ତରୁଣ କୁମାର ସେନାପତି, ପ୍ରଫୁଲ୍ଲ ଚନ୍ଦ୍ର ସାଥୁଆ, ଚନ୍ଦ୍ରମଣି ନାୟକଙ୍କ ସହ ସମସ୍ତ କର୍ମଚାରୀ ଓ ପୂର୍ବତନ କର୍ମଚାରୀମାନେ ଯୋଗ ଦେଇଥିଲେ ।

## 'ପରିବେଶ ଫାଉଣ୍ଡେସନ' ଓ ସେନାବାହିନୀ ପକ୍ଷରୁ ଚାନ୍ଦିପୁର ଡିଆରଡିଓ ପରିସରରେ ବିଶ୍ୱ ପରିବେଶ ଦିବସ ପାଇଁ ଅନୁଷ୍ଠିତ ହେଲା ମିଳିତ ବୃକ୍ଷରୋପଣ

ବାଲେଶ୍ୱର,୮/୬(ଡିକେ ନ୍ୟୁଜ୍): ଆଜି ବିଶ୍ୱ ପରିବେଶ ଦିବସ ଅବସରେ ଚାନ୍ଦିପୁରସ୍ଥିତ ଡିଆରଡିଓ ଷ୍ଟେସନ ହେଡ୍‌କ୍ୱାର୍ଟର୍ସ ଓ ସାମାଜିକ ସଂଗଠନ 'ପରିବେଶ ଫାଉଣ୍ଡେସନ'ର ମିଳିତ ଉଦ୍ୟମରେ ଏକ ବୃହତ୍ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଡିଆରଡିଓ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ପୃଥିବୀର ସୁରକ୍ଷା ଓ ସବୁଜିମାର ପୁନରୁଦ୍ଧାର ପାଇଁ ସାଧାରଣରେ ଜାଗରଣ ସୃଷ୍ଟି କରିବା। ବ୍ୟାପକ ବୃକ୍ଷରୋପଣ ପରେ ଉପସ୍ଥିତ ସମସ୍ତେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ଚାନ୍ଦିପୁର ଗଠନ ଓ ପ୍ରକୃତିର ଯତ୍ନ ନେବା ପାଇଁ ସମୂହ ଶପଥ ଗ୍ରହଣ କରିଥିଲେ ।ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଷ୍ଟେସନ ହେଡ୍‌କ୍ୱାର୍ଟର୍ସର କମାଣ୍ଡେଣ୍ଟ ସନ୍ତୋଷ କୁମାର ପଣ୍ଡା କହିଲେ, ଦେଶ ସୁରକ୍ଷା ସହିତ ମାଟି ଓ ପ୍ରକୃତିର ସୁରକ୍ଷା ମଧ୍ୟ ଆମର ପରମ କର୍ତ୍ତବ୍ୟ। ଡିଆରଡିଓ ପରି ଗୁରୁତ୍ୱପୂର୍ଣ୍ଣ ସାମରିକ କ୍ଷେତ୍ରରେ ଏଭଳି ସବୁଜ ଅଭିଯାନ ଅଞ୍ଚଳର ପାରିପାର୍ଶ୍ୱିକ ସନ୍ତୁଳନ ରକ୍ଷାରେ ସହାୟକ ହେବ ।ପରିବେଶ ଫାଉଣ୍ଡେସନ'ର ମୁଖ୍ୟ ଗୋବିନ୍ଦ ବଲ୍ଲଭ ଦଳାଇ ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନର ଭୟାବହତା ଉପରେ ଆଲୋକପାତ କରି 'ଗଛଟିଏ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ' ବାର୍ତ୍ତା ଦେଇଥିଲେ। ଚାରା ରୋପଣ କରି ତାକୁ ବୃକ୍ଷରେ ପରିଣତ କରିବା ପର୍ଯ୍ୟନ୍ତ ଯତ୍ନ ନେବାକୁ ସେ ସଂକଳ୍ପବଦ୍ଧ ହେବାକୁ ଅନୁରୋଧ କରିଥିଲେ ।ଏହି ଅଭିଯାନରେ ସେନା ଅଧିକାରୀ, ଯବାନ, ପରିବେଶବିତ୍, ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ଯୁବ ବିକାଶ ଓ ପରିବେଶ ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ସକ୍ରିୟ ଭାଗ ନେଇଥିଲେ। ଏଥିରେ ବୃକ୍ଷରୋପଣ ବିଶେଷଜ୍ଞ ଶ୍ରୀ ସତ୍ୟ ନାରାୟଣ ଦାଶ, ଅସିତ ଦଳାଇ, ସୁବାସ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରଶଂସନୀୟ ପଦକ୍ଷେପକୁ ବାଲେଶ୍ୱର ବୁଦ୍ଧିଜୀବୀ ମହଲରେ ବ୍ୟାପକ ସ୍ୱାଗତ କରାଯାଇଛି।

## ଆମପାଣି ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ନୂତନ ପ୍ରଧାନ ଶିକ୍ଷକଙ୍କ ଯୋଗଦାନ

ଧର୍ମଗଡ୮/୬(ଡିକେ ନ୍ୟୁଜ୍) :କୋକସରା ବ୍ଲକ ଆମପାଣି ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ନୂତନ ପ୍ରଧାନ ଶିକ୍ଷକ ଭାବେ ହେମନ୍ତ କୁମାର ମାଝୀ ଯୋଗଦାନ କରିଛନ୍ତି । ପୂର୍ବରୁ ସେ କୋକସରା ଜବାହାର ଉଚ୍ଚ ବିଦ୍ୟାଳୟ ରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ପଦୋନ୍ନତି ପରେ ସେ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ରେ ଶୁକ୍ରବାର ଯୋଗ ଦେଇଛନ୍ତି । କାର୍ଯ୍ୟଭାର ନେବା ପୂର୍ବରୁ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।ଏହି ଅବସରରେ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରଜ ତାଣ୍ଡି ସମେତ ସ୍ଥାନୀୟ ସରପଞ୍ଚ ରୁକ୍ମଣୀ ବାଣୁଆ, ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା,ସମାଜସେବୀ ଜିତେନ୍ଦ୍ର ପଣ୍ଡା,ଆଲୁମିନା ସମ୍ପାଦକ ପରମେଶ୍ୱର ଧ. ମାଝୀ,କେ. ଭାସ୍କର ରାଓ,ପ୍ରଶାନ୍ତ ମୁନି,ନିତ୍ୟାନନ୍ଦ ମାଝୀ, ମନୋରଞ୍ଜନ ବାଣୁଆ,ଅଶୋକ ମାଝୀ, ବୃନ୍ଦାବନ ପୁଝାରି ଓ ବିଦ୍ୟାଳୟ ର ଶିକ୍ଷକ ଭାଗ୍ୟବାନ ବାଗ,ଦୟା ନାଏକ, ଲୋକନାଥ ସାହୁ, ବିଶ୍ୱମ୍ବର ଧ.ମାଝୀ, ଲୋକନାଥ ରାଉତ, କର୍ମଚାରୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି ।



ଦିର୍ଘ ୫ ବର୍ଷ ଧରି ବିଦ୍ୟାଳୟ ରେ ସ୍ଥାୟୀ ପ୍ରଧାନ ଶିକ୍ଷକ ।ଖାଲି ପଡିଥିବା ବେଳେ ନିଯୁକ୍ତି ପରେ ଛାତ୍ରଛାତ୍ରୀ,ପରିଚାଳନା କମିଟି ଓ ଅଭିଭାବକ ଖୁସିବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ଶ୍ରୀ ମାଝୀ ବିଦ୍ୟାଳୟ ରେ ଗୁଣାତ୍ମକ ଶିକ୍ଷାଦାନ ଉତ୍ତମ ବାତାବରଣ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସହଯୋଗ ପାଇଁ ଅନୁରୋଧ କରିଥିଲେ।

# ମୋଟାବାଡି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଝୁଲୁଛି ତାଲା, ବଢୁଛି ଜନ ଅସନ୍ତୋଷ

ବୁଗୁଡ଼ା/ମୋଟାବାଡି, ୦୮/୦୬(ଡ଼ି କେ ନ୍ୟୁଜ):ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଝୁଲୁଛି ତାଲା ବାବୁଙ୍କ ମିଳୁନି ଦେଖା ଚେୟାର ପଡ଼ିଛି ଖାଲି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ। ବଦଳି ଯାଇଛି ଦୀର୍ଘ ଦିନର ସରକାର ହେଲେ ଏବେବି ବଦଳି ପାରୁନି ସରକାରୀ ବ୍ୟବସ୍ଥା ଓ ବାବୁମାନଙ୍କ କାର୍ଯ୍ୟ କରିବାର ଢାଞ୍ଚା, ସରକାରୀ ନିୟମକୁ ବେଖାତିରି କରି ଠିକ ସମୟରେ ଉପସ୍ଥିତ ରହୁନାହାନ୍ତି କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ବାବୁମାନେ, ପଚାରିଲେ କୁହନ୍ତି ଆମେ ଫିଲ୍ଡ କାମରେ ଯାଇଛୁ , ପ୍ରତ୍ୟେକ ଦିନ ଦୂର ଦୂରାନ୍ତ ଗ୍ରାମଞ୍ଚଳରୁ ଲୋକେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ନିଜର ବିଭିନ୍ନ କମାବେଇ ଆସିଥାନ୍ତି। କିନ୍ତୁ କାର୍ଯ୍ୟାଳୟରେ ତାଲା ପଡ଼ିଥିବାରୁ ସେମାନେ ନିରାଶ ହୋଇ ଫେରିଯାଉଥିବାର ଦେଖିବାକୁ ମିଳୁଛି ।ମୋଟାବାଡି ରାଜସ୍ୱ ମଣ୍ଡଳ ଅଧିନରେ ବହୁ ଗ୍ରାମ ରହିଥିବା




ବେଳେ ଆଜି ବୁଗୁଡ଼ାରୁ ଜଣେ ଦୃଷ୍ଟହୀନ ବ୍ୟକ୍ତି ଆସିଥିବା ଦେଖିବାକୁ ମିଳିଥିଲା, ତାଙ୍କୁ ପଚାରିବାରୁ ସେ ଦୁଇଥର ଅସି ଡହ ଡହ ଫେରିଯାଇଥିବା କଥା କହିଥିଲେ, ଏ ନେଇ କେତେବେଳେ ବ୍ୟକ୍ତି ଜଣକ ରାଜସ୍ୱ ନିରୀକ୍ଷକ ଙ୍କୁ ଫୋନ କରି ପଚାରି ଥିଲେ ବାବୁ କହିଲେ ଅନଲାଇନ ସିସ୍ଟ ବନ୍ଧିଦିଆ ନଚେତ ୧୧ଟା ପର୍ଯ୍ୟନ୍ତ ଅପେକ୍ଷା କର ମୁଁ ଗଲେ ବାନ୍ଧିବ , ଏଠି ପ୍ରଶ୍ନଉଠୁଛି ଯେ ଯଦି ଆର୍ ଆଇ ମହୋଦୟ ଫିଲ୍ଡି କାମରେ ଯାଇଛନ୍ତି ହେଲେ ଏ ଆର୍ ଆଇ, ଅମିନ, ପିଅନ ଗଲେ କୁଆଡ଼େ ? ସମ୍ପୂର୍ଣ କାର୍ଯ୍ୟଳୟ ରେ ତାଲା ପକାଇ ସରକାରୀ ନିୟମକୁ ବେଖାତିର କରି ମାନୁ ନାହାନ୍ତି ଏ ବାବୁମାନେ। ଉପରିସ୍ଥ ଅଧିକାରୀ ଏହାର ପୁଙ୍ଖାନୁପୁଙ୍ଖ ଭାବରେ ଅନୁସନ୍ଧାନ କରିବା ପାଇଁ ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଥିବା ବେଳେ ଦେଖାଯାଉ ଖବର ପ୍ରସାରଣ ପରେ ପ୍ରଶାସନର ନିଦ କେବେ ଭାଙ୍ଗିବ ଏବଂ କାର୍ଯ୍ୟରେ ଅବହେଳା କରୁଥିବା ବାବୁ ମନଙ୍କ ପ୍ରତି କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଦେଖିବାକୁ ବାକି ରହିଲା ?

# ପାରାଦୀପ ପୌରାଧ୍ୟକ୍ଷଙ୍କ ଘରକୁ ବୋମା ମାଡ଼ ଘଟଣାରେ ଦୁବାଇ କନେକ୍ସନକୁ ନେଇ ସାଧାରଣରେ କଳ୍ପନା ଜଳ୍ପନା : ପୋଲିସ ତଦନ୍ତରେ ଶିଥିଳତା

ପାରାଦୀପ,୮/୬(ଡିକେ ନ୍ୟୁଜ) - ଶିଳ୍ପ ନଗରୀ ପାରାଦୀପକୁ କୋଟି କୋଟି ଟଙ୍କାର ପ୍ରକଳ୍ପ ଆସୁଥିବା ବେଳେ ପାରାଦୀପ ଦେଶର ଏକ ନମ୍ବର ବନ୍ଦରର ମାନ୍ୟତା ହାସଲ କରିଛି କ୍ଷ ଅପରପକ୍ଷେ ଶିଳ୍ପ ଅନୁକରଣ ବାତାବରଣ କୁ କଳୁଷିତ ଓ ପ୍ରଦୂଷିତ କରି ରାତାରାତି କୋଟିପତି ବନିବା ପାଇଁ ଅସାମାଜିକ ଅପରାଧୀ ମାନେ ସେମାନଙ୍କ କଳାର ସମ୍ରାଜ୍ୟ ବଢ଼ାଇବା ପ୍ରକ୍ରିୟା ଜାରି ରଖିଛନ୍ତି । ତେବେ ଗତ ମେ ୩୦ ତାରିଖରେ ପାରାଦୀପ ପୌରାଧ୍ୟକ୍ଷ ତଥା ଜନପ୍ରିୟ ନେତା ବସନ୍ତ ବିଶ୍ୱାଳ ଙ୍କ ଘର ଉପରେ ବୋମା ମାଡ଼ ଘଟଣାରେ ୩ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଆଠ ଦିନ ବିତିଯାଇଥିଲେ ମଧ ଏହାର ମୂଖ୍ୟ ଆସାମୀ କୁହାଯାଉଥିବା ଜ୍ୟୋତିକାନ୍ତ ପରିଡା (ବାପୁ) ଏପର୍ଯ୍ୟନ୍ତ ଧରା ପଡିନଥିଲା ବେଳେ ଏହି ଘଟଣାର ମୂଖ୍ୟ ଷଡଯନ୍ତକାରି କୁହାଯାଉଥିବା ଅରିନ୍ଦମ ସର୍ଖେଲ ଓରଫ ବାପି ସର୍ଖେଲ ପାଖରେ ପୋଲିସ ପହଞ୍ଚି କୌଣସି ସୁରାକ ଖୋଜିବାରେ ଅସମର୍ଥ ପରି ଲାଗୁଛି । ତେବେ ଏ ଘଟଣାକୁ ନେଇ ସହର ବାସୀ ଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ରବିବାର ପୂର୍ବାହ୍ନ ୧୧ ଟା ସମୟରେ ବିଭିନ୍ନ ରାଜନୈତିକ ଦଳ ର ନେତୃତ୍ୱ ଓ କର୍ମୀ ଙ୍କ ସମେତ କିଛି ସଂଗଠନ ର ସଦସ୍ୟ ସେମାନଙ୍କ ଶତାଧିକ ସମର୍ଥକ ମାନଙ୍କ ସହ ପ୍ରତିବାଦ କରି ପାରାଦୀପ




ଆଦର୍ଶ ଥାନାରେ ପହଞ୍ଚି ଥିଲେ କ୍ଷ ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ,ବିଜେପି ନେତା ସର୍ବେଶ୍ୱର ବଳିୟାରସିଂହ,ପ୍ରତାପ ନାୟକ,ସୁଲେମାନ ରାଜୁ, ଉଲ୍ଲାସ ବେହେରା, ପ୍ରକାଶ ସାହୁ, ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରୀତିରେଖା ନାୟକ,ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଜେଡି ସଭାପତି କୁମରବର ନାୟକ, ବିଜେଡି ରାଜ୍ୟ ଉପସଭାନେତ୍ରୀ ସବିତା ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ ରଞ୍ଜନ ପରିଡା, ବିଜେଡି ନେତା ଶଙ୍କର ପ୍ରସାଦ ରାଉତ, ରଶ୍ମି ରଞ୍ଜନ ପରିଡା,ମହିଳା ସଭାନେତ୍ରୀ ଚପଳା ସ୍ୱାଇଁ, କଂଗ୍ରେସ ସଭାପତି କେଦାର ବିଶ୍ୱାଳ, କୁଜଙ୍ଗ,ପାରାଦୀପ ଆଞ୍ଚଳିକ କମିଟି ର ସିପିଆଇ ନେତା ସୁବାସ ମହାପାତ୍ର ଓ ପାରାଦୀପ ସିଟିଜେନ ଫୋରମ ସଭାପତି ଶଶାଙ୍କ ଆଚାର୍ଯ୍ୟ, ଆଇନଜୀବୀ ରବିନ୍ଦ୍ର ଜେନା, ବିବେକାନନ୍ଦ ରାଉତ ପ୍ରମୁଖ ଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ସମର୍ଥକ ଓ ସ୍ୱେଚ୍ଛାସେବୀ ମାନେ ପାରାଦୀପ ଆଦର୍ଶ ଥାନାରେ ପହଞ୍ଚି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାନେ ଙ୍କୁ ଦାବୀ ପତ୍ର ପ୍ରଦାନ କରିଥିଲେ । ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ଘର ଉପରେ ବୋମା ମାଡ଼ ଘଟଣା, ଏହା ପଛ ର ଷଡଯନ୍ତ ଏବଂ ଏହାର ମୁଖ୍ୟ ଖଳନାୟକ ତଥା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିକାରୀ ଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରବି ପ୍ରମୁଖ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଦାବୀ ମଧ୍ୟରେ ପୌରାଧ୍ୟକ୍ଷ ଙ୍କ ବାସଗୃହ କୁ ବୋମା ମାଡ଼ କେବଳ ଯେ ଟେଣ୍ଡର ଘଟଣାକୁ ନେଇ ଘଟିଛି, ଏହା ବିଶ୍ୱାସ ଯୋଗ୍ୟ ନୁହେଁ ଏହା ପଛରେ ଷଡଯନ୍ତ ଓ ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ଉଲ୍ଲେଖ ରହିଛି । ଏହି ବୋମା ମାଡ଼ ଘଟଣାରେ ଜ୍ୟୋତିକାନ୍ତ ପରିଡା (ବାପୁ) ଓ ଅନ୍ୟ ତିନିଜଣ ସହିତ ଆହୁରି ଅନେକ ଲୋକଙ୍କ ଭାଗିଦାରୀ ରହିଛି । ଏହି ଆକ୍ରମଣ ପଛରେ ମୁଖ୍ୟ କାର୍ପଟଦାର ଶ୍ରମିକ ନେତା ବୋଲାଉଥିବା ଅରିନ୍ଦମ ସର୍ଖେଲ (ବାପି) ର ନିଶ୍ଚୟ ପ୍ରଚ୍ଛଦ ସହଯୋଗ ଓ ସହାୟତା ରହିଥିବା କୁହାଯାଇଛି । ଏ ଘଟଣାର ସମସ୍ତ ବ୍ଲୁପ୍ରିଣ୍ଟ ବାପି ସର୍ଖେଲ ଙ୍କ ପାରାଦୀପ କାର୍ଯ୍ୟାଳୟରେ ରଚନା ହୋଇଥିବା ନେଇ ଅଭିଯୋଗ ହୋଇଛି । ଏଣୁ ସିସି ଟିଭି ଯାଞ୍ଚ କରାଯିବା ସହିତ ବାପି ସର୍ଖେଲ କୁ ମୂଖ୍ୟ ଷଡଯନ୍ତକାରୀ ଭାବେ ନିଆଯାଇ ଗିରଫ କରାଯିବା ସହିତ ଫେରାର ଅଭିଯୁକ୍ତ ବାପୁ ପରିଡା କୁ ତୁରନ୍ତ ଗିରଫ କରାଯିବା ନେଇ ଦାବୀ ହୋଇଛି । ଶ୍ରମିକ ସଙ୍ଘ ନାମରେ କମ୍ପାନୀ ଓ ବଡ଼ ଠିକାଦାର ଙ୍କ ଠାରୁ କୋଟି କୋଟି ଟଙ୍କାର ବଟି ଆଣିବା ଏବଂ ନିଜର ପତିଆରା କମ ହେଉଥିବାର ଜାଣିପାରି ସର୍ଖେଲ ଏଭଳି ଭୟଙ୍କର ଓ ଅବିଶ୍ୱସନୀୟ ଘଟଣା ଘଟଇଥିବା ବିଶ୍ୱାସ କରାଯାଉଛି । ୨୦୦୦ ମସିହାରେ ବାପି ସର୍ଖେଲ ର ପାରାଦୀପରେ ଆବିର୍ଭାବ ହେବା ପରଠାରୁ ବିଗତ ୨୫ ବର୍ଷ ମଧ୍ୟରେ ପାରାଦୀପ ସହରରେ ମୁନା ପତି ହତ୍ୟା ଘଟଣା, ଦୁର୍ଯୋଧନ ସ୍ୱାଇଁ ହତ୍ୟା ଘଟଣା, ଦିବାଲୋକରେ ପାରାଦୀପର ମାଉସୀ ମା ଛକରେ ଚର୍ଚ୍ଚିତ ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣା, ବିଭିନ୍ନ ଆକ୍ରମଣ, ବୋମାମାଡ, ବନ୍ଧୁକରୁ ଗୁଳି ଫୁଟାଇ ଆକ୍ରମଣ କରାଇ ଭୟଭୀତ କରାଇବା ଭଳି ଅନେକ ଗୁଡିଏ ଘଟଣାରେ ବାପି ସର୍ଖେଲ ର ନିଶ୍ଚିତ ଭାବେ ଭୂମିକା ରହିଛି ବୋଲି ଅଭିଯୋଗ ହୋଇଛି । ପାରାଦୀପ ଯୁବକ ମାନଙ୍କୁ ନିଶାଗ୍ରସ୍ତ କରି, ବିଭିନ୍ନ ଅସାମାଜିକ ତଥା ଅପରାଧିକ ଘଟଣା ଘଟଉଛନ୍ତି ଏହି ଅପରାଧୀ । ଏତଦବ୍ୟତୀତ ଦୁବାଇ ରେ ରହି ଖାଲିଦ ଖାଁ ନାମକ ଜନୈକ ବ୍ୟକ୍ତି ବାପି ଓ ବାପୁ ଙ୍କ ଦ୍ୱାରା ଇଫକୋ ଓ ପିଆଇସିଟି ର ସମଗ୍ର କାମକୁ କରାୟତ କରିବା ସହିତ ଏଠାର ସମସ୍ତ ବ୍ୟବସାୟକୁ ହାତେଇବା ପାଇଁ ବିପୁଳ ଆର୍ଥିକ ସହାୟତା ଯୋଗାଇବା ସହ ମାଫିଆ ସହାୟତା ମଧ୍ୟ ଯୋଗାଇ ଦେଉଥିବା ପାରାଦ୍ୱୀପ ସିଟିଜେନ ଫୋରମ ଅଭିଯୋଗ କରିଛି । ଏଣୁ ପାରାଦୀପର ସ୍ୱାର୍ଥ, ଶୃଙ୍ଖଳା, ଶାନ୍ତି ଓ ଭାଇଚାରା ପାଇଁ ଦଳମତ ନିର୍ବିଶେଷରେ ପାରାଦୀପର ସମସ୍ତ ଦଳର ପ୍ରତିନିଧି ମାନେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାନେ ଙ୍କୁ ଦାବିପତ୍ର ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ କ୍ଷ ତେବେ ପାରାଦୀପରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରଥମ ଥର ପାଇଁ ସର୍ବଦଳୀୟ ପ୍ରତିବାଦ ପ୍ରଚେଷ୍ଟାକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ପାରାଦୀପ ବେଳାଭୂମିରେ ୧୦୦ତମ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ




ପାରାଦୀପ ୮/୬(ଡିକେ ନ୍ୟୁଜ୍):- ପାରାଦୀପ କଲେଜ ଏନ୍‌ସିସି ଆଲୁମୁନି ଆସୋସିଏସନ୍? ପକ୍ଷରୁ ପାରାଦୀପ ବେଳାଭୂମିରେ ୧୦୦ତମ "ସ୍ୱଚ୍ଛତା ହିଁ ସେବା" କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଭାରତୀୟ ତଟ ରକ୍ଷୀ ବାହିନୀର କମାଣ୍ଡାଣ୍ଟ କୃଷ୍ଣକାନ୍ତ ଚୌବେ, ୮ ନମ୍ବର ୱାର୍ଡର ପାରିଷଦ ଅଜିତ ଷଡ଼ଙ୍ଗୀ ଏବଂ ଏନ୍‌ସିସି ଆଲୁମୁନି ଆସୋସିଏସନ ର ଉପଦେଷ୍ଟା ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏନ୍‌ସିସି ଆଲୁମୁନି ଆସୋସିଏସନ୍‌ର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ଉପସଭାପତି ବିବେକାନନ୍ଦ ମହାପାତ୍ର ଓ ବିକ୍ରମ ସିଂ ମହାରଣା, ସମ୍ପାଦକ ପଦ୍ମନାଭ ଦାସ, ସହ-ସମ୍ପାଦକ ନୀଳିମା ପ୍ରିୟଦର୍ଶନୀ, ଅନାଦି ସେନାପତି, ହୃଦାନନ୍ଦ ନାଥ ଶର୍ମାଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟ ସୋମନାଥ ମହାପାତ୍ର, ଲିପୁନା ବାରିକ, ସନ୍ତୋଷ ମହାପାତ୍ର, ସୁଭାଶିଷ ତ୍ରିପାଠୀ, ଦୀପକ ଓଝା, ଜିତେନ୍ଦ୍ର ବାରିକ, ପିକୁନ ସେନାପତି, ଅରୁଣିମା ନାୟକ, ସୁଚରିତା ରାଉତ, ତେଜସ୍ୱିନୀ ଏବଂ ବହୁ ସଂଖ୍ୟକ ଏନ୍‌ସିସି କ୍ୟାଡେଟ ଓ ଆଲୁମୁନି ସଦସ୍ୟ ଉପସ୍ଥିତ ରହି ବେଳାଭୂମି ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପଲିଥିନ ଓ ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ, ବର୍ଜ୍ୟବସ୍ତୁର ସଠିକ ପୃଥକୀକରଣ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।ଏନ୍‌ସିସି ଆଲୁମୁନି ଆସୋସିଏସନ୍ "ରାଷ୍ଟ୍ର ସର୍ବପ୍ରଥମ" ଆଦର୍ଶକୁ ନେଇ ସମାଜ ଓ ପରିବେଶ ସେବାରେ ନିରନ୍ତର କାର୍ଯ୍ୟ କରିଆସୁଛି। ଗତ ଶହେ ରବିବାର ଧରି ବେଳାଭୂମି ସଫେଇ, ବାର୍ଷିକ ରକ୍ତଦାନ ଶିବିର ମାଧ୍ୟମରେ ୧୧୦ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ, ନିଶା ନିବାରଣ ସଚେତନତା, ଗ୍ରୀଷ୍ମ ପ୍ରବାହ ସମୟରେ ଦହିପାଣି ବଣ୍ଟନ, ପକ୍ଷୀଙ୍କ ପାଇଁ ଜଳପାତ୍ର ଓ ଖାଦ୍ୟପାତ୍ର ବ୍ୟବସ୍ଥା, ସଡ଼କ ସୁରକ୍ଷା ଏବଂ ଟ୍ରାଫିକ ସଚେତନତା ଭଳି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଚଳାଇ ଆସୁଛି। ଭବିଷ୍ୟତରେ ମଧ୍ୟ ଏଭଳି ଜନହିତୈଷୀ ଓ ପରିବେଶ ସୁରକ୍ଷାମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ପ୍ରକାଶ କରିଛନ୍ତି ।

# ନୂତନ ନଳକୂପ ସ୍ଥାପନ ନିମନ୍ତେ ଗ୍ରାମବାସୀଙ୍କ ଦାବୀ



ଖୋରଧା ୮/୬(ଡିକେ ନ୍ୟୁଜ):ଖୋରଧା ପଞ୍ଚାୟତ ସମିତି ଅଧିନସ୍ଥ ବଙ୍ଗିଦା ଗ୍ରାମପଞ୍ଚାୟତ ୱାର୍ଡ଼ ନଂ -୭ ରେ ଦୀର୍ଘ ଦିନ ପିଇବା ପାଣି ର ଅସୁବିଧା ଲାଗି ରହିଥିବା ବେଳେ ନିକଟର ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଉଁ ମାନେ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏ ସମ୍ପର୍କ ରେ ଖୋରଧା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳି ପାରି ନାହିଁ । ୱାର୍ଡ ନଂ -୭ ରେ ଥିବା ନଳକୂପ ଟି ଦୀର୍ଘ ଦିନ ଧରି ଅଚଳ ହୋଇ ପଡିଛି । ବହୁବାର ଅଭିଯୋଗ କରିବା ପରେ ନିକଟରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ନଳକୂପ ଟିକୁ ଅକାମୀ ଘୋଷଣା କରିଛନ୍ତି । ସେହି ନଳକୂପ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମାନଙ୍କ ନିମନ୍ତେ ନୂତନ ଭାବେ ଏକ ନଳକୂପ ସ୍ଥାପନ କରିବା ପାଇଁ କୌଣସି ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ବିଭାଗ ପକ୍ଷରୁ ପାଇପ ଯୋଗେ ମାତ୍ର ୧୫ ରୁ ୨୦ ମିନିଟ ପାଇଁ ଯୋଗାଇ ଦିଆଯାଉଥିବା ପିଇବା ପାଣି ସ୍ଥାନୀୟ ବାସିନ୍ଦା ମାନଙ୍କ ର ଚାହିଦା ମେଣ୍ଟାଇ ପାରୁନାହିଁ ଏବଂ ପିଇବା ପାଣି ର ଅସୁବିଧା କୁ ଦୃଷ୍ଟି ରେ ରଖି ୭ ନଂ ୱାର୍ଡ ର ଅଧିବାସୀ ମାନେ ଆଜି ବଙ୍ଗିଦା ଗ୍ରାମ ପଞ୍ଚାୟତ ଠାରେ ଅନୁଷ୍ଠିତ ପଲ୍ଲୀରେ ପ୍ରସାଶନ ର ଜନଶୁଣାଣି କର୍ଯ୍ୟକ୍ରମ ରେ ଏକ ଦାବୀପତ୍ର ଜିଲ୍ଲାପାଳ ଙ୍କୁ ପ୍ରଦାନ କରିଛନ୍ତି ।

# ବିଜୁ ଜନତା ଦଳ ଘେରିଲା ବିଦ୍ୟୁତ୍ କାର୍ଯ୍ୟାଳୟ



ଉମରକୋଟ ୮/୬(ଡିକେ ନ୍ୟୁଜ୍): :- ନବରଙ୍ଗପୁର ଜିଲ୍ଲା ଉମରକୋଟରେ ବିଦ୍ୟୁତ ସମସ୍ୟାକୁ ନେଇ ତେଜିଲା ରାଜନୀତି । ଆଜି ଉମରକୋଟ ବିଜେଡ଼ିର ଶତାଧିକ କର୍ମୀ ଓ ନେତା ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ଠାରୁ ଏକ ରାଲିରେ ବାହାରି ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ଏହି ସମୟରେ ୪ ଦଫା ଦାବି ନେଇ ବିଜେଡି ନେତୃବୃନ୍ଦ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ତେବେ ଦାବି ଗୁଡ଼ିକ ହେଲା ଅଘୋଷିତ ବିଦ୍ୟୁତ କାଟ, ସ୍ମାର୍ଟ ମିଟରକୁ ବିରୋଧ ଏବଂ ଅତ୍ୟଧିକ ବିଦ୍ୟୁତ ବିଲ୍ ,ବିଭିନ୍ନ ସ୍ଥାନରେ ଝୁଲିରହିଥିବା ତାର ବଦଳି କରିବା ସହ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦିଆଯାଇଥିବା ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ କୁଆଡ଼େ ଗଲା ବୋଲି ସରକାରଙ୍କୁ ପ୍ରଶ୍ନ କରିଛି ବିଜେଡି ।ଏହି ଘେରାଉ ଏବଂ ପ୍ରତିବାଦ ସଭାରେ ବିଜେଡି ଜିଲ୍ଲା ସଭାପତି ତଥା ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଏବଂ ପୂର୍ବତନ ବିଧାୟକ ସୁଭାଷ ଗଣ୍ଡ,ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ନାରୀନେତ୍ରୀ ନବୀନା ନାୟକ, ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ନଗର ବିଜେଡି ସଭାପତି ଚନ୍ଦନ ବେହେରା, କୈଳାସ ନାୟକ, ବିକି ନାୟକ, କାଳୁ ପଣ୍ଡା ଙ୍କ ସମେତ ବହୁ ବିଜେଡ଼ିର ବରିଷ୍ଠ ନେତା କର୍ମୀ ଉପସ୍ଥିତ ଥିଲେ । ତେବେ ଦାବି ଗୁଡିକ ଯଦି ପୂରଣ ନହୁଏ ତାହାହେଲେ ଆଗକୁ ଆନ୍ଦୋଳନ ଆହୁରି ତେଜିବ ବୋଲି ଚେତାବନୀ ଦେଇଛନ୍ତି ବରିଷ୍ଠ ବିଜେଡି ନେତା ପ୍ରଦୀପ ମାଝୀ ।

# ୨୦୪ ଗୋଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଭିତ୍ତିପ୍ରସ୍ତର ସ୍ଥାପନ : ସତ୍ୟବାଦୀ ବକୁଳବନ ବିଦ୍ୟାଳୟ ଢାଞ୍ଚାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ବିକାଶ କରାଯିବ- ମୁଖ୍ୟମନ୍ତ୍ରୀ

ଖୋରଧା୮/୬(ଡିକେ ନ୍ୟୁଜ୍): (ଦିଲ୍ଲିପ କମାର ପଟ୍ଟନାୟକ): ପଞ୍ଚସଖା ଯେପରି ସତ୍ୟବାଦୀଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଗୁଡିକ ମଧ ସେହିପରି ଢାଞ୍ଚାରେ ପ୍ରସ୍ତୁତ କରାଯାଉଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋରଧା ଜିଲ୍ଲା କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି। ଚଳିତ ବର୍ଷ ଜାନୁଆରୀ ମାସରେ ବାଣପୁର ଠାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ୨୨୦୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ପ୍ରଥମ ପର୍ଯ୍ୟାୟର ଏହି ୨୨୦୦ ବିଦ୍ୟାଳୟ ମଧ୍ୟରୁ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଣପୁରରେ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଆଜି ଖୋରଧା ରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ବର୍ତ୍ତମାନ ୩୨୨ଟି ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟ ରେ କହିଥିଲେ ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ। ମୂଳଦୁଆ ଯେତିକି ସୁଦୃଢ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ। ତେଣୁ, ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ବାତାବରଣ ସୁଦୃଢ ଏବଂ ସଂଗଠିତ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦିଆଯିବ। ପିଲାମାନେ ସର୍ବୋତ୍ତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ। ଆଜିର ବଦଳୁଥିବା ନିଯୁକ୍ତି ବଜାରରେ ପିଲାମାନେ କେବଳ ପାଠ ପଢିବା ଯଥେଷ୍ଟ ନୁହେଁ, ବରଂ ସେମାନେ କିପରି ନିଯୁକ୍ତିଯୋଗ୍ୟ ହେବେ, ସମସ୍ୟାର ସମାଧାନ କରିପାରିବେ ଏବଂ ସୃଜନଶୀଳ ହେବେ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା। ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ, ପି.ଏମ୍ ଶ୍ରୀ, ଶିଶୁ ବାଟିକା, ଐତିହ୍ୟ



ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଆଦି ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆଜି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିଛି। ରାଜ୍ୟର ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ବିଗତ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଆମେ ପଦକ୍ଷେପ ନେଉଛୁ। ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ପୁଣି ଫେରାଇ ଅଣାଯାଇପାରୁଛି। ଏହିସବୁ କାର୍ଯ୍ୟକ୍ରମ ରାଜ୍ୟରେ କେବଳ ଶିକ୍ଷାର ଭିତ୍ତିଭୂମିକୁ ସଦୃଢ କରିବ ନାହିଁ, ବରଂ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ମୟୂରଭଞ୍ଜ ଜିଲ୍ଲା ଦେଉଳୀ ସ୍କୁଲର ଛାତ୍ରୀ ଅଭିଲିପ୍ସା ସିଂ, କୋରାପୁଟ ଜିଲ୍ଲା ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ସତ୍ୟପ୍ରକାଶ ଭୂୟାଁ ଓ ରାଧିକା, ବାଲେଶ୍ୱର ଜିଲ୍ଲା ଗେଙ୍ଗୁଟି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଘଡା ଏବଂ ନୂଆପଡା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡୁଙ୍କ ସହିତ ସେମାନଙ୍କର ପାଠପଢା ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ ।କାର୍ଯ୍ୟକ୍ରମରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ ଯେ, ଯେଉଁ ଜାତି ତା'ର ଶିକ୍ଷା ବ୍ୟବସ୍ଥାକୁ ଯେତେ ବିକଶିତ କରିଛି, ସେ ଜାତି ଆଗକୁ ବଢିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ଯୋଜନା ଆଗାମୀ ଦିନରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବ ।ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ପିଲାମାନେ ଭଲ ଶିକ୍ଷା ଗ୍ରହଣ କଲେ, ସେମାନେ ନିଜର ଭବିଷ୍ୟତ ଗଠନ କରିବା ସହ ଦେଶ ଓ ରାଜ୍ୟର ପ୍ରଗତିରେ ଯୋଗଦାନ ଦେବେ। ଏହାକୁ ଦୃଷ୍ଟିରେ ରଖି ଆମ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ ।ଅନ୍ୟତମ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ଦିଗରେ ପୂର୍ବରୁ କୌଣସି ସରକାର ଆନ୍ତରିକତାର ସହ କାମ କରୁନଥିଲେ। ଗୋଦାବରୀଶ ମିଶ୍ରଙ୍କ ନାମରେ ଏହି ଯେଉଁ ଅଭିନବ ଯୋଜନା ଆରମ୍ଭ ହୋଇଛି, ଆଗାମୀ ଦିନରେ ଏହା ମାଧ୍ୟମରେ ଓଡିଶାର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ୨ ବର୍ଷ ମଧ୍ୟରେ ୨୬,୦୦୦ ସ୍କୁଲକୁ ରାଜସ୍ୱ ବିଭାଗ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ ।କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆଭାସୀ ମାଧ୍ୟମରେ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଯୋଡି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଖୋରଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ, ଜିଲ୍ଲାପାଳ ଅମୃତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ସୀମା ନିର୍ଦ୍ଧାରଣ ପରେ ସଠିକ ରିପୋର୍ଟ ପ୍ରଦାନ ନକରାଯିବା ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୮/୬(ଡିକେ ନ୍ୟୁଜ୍):ଆଳି ତହସିଲ ପକ୍ଷରୁ ଆର.ଆଇଙ୍କ ଦ୍ୱାରା ଜମିର ସୀମା ନିର୍ଦ୍ଧାରଣ ପରେ ସଠିକ ରିପୋର୍ଟ ପ୍ରଦାନ କରାନଯିବାରୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ ହୋଇପାରୁନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଆଳି ତହସିଲ ଅଧିନ ଦଶିପୁର ଗ୍ରାମର ସ୍ୱର୍ଗତ ହରେକୃଷ୍ଣ ଦାଶଙ୍କ ପୁଅ ବିବେକାନନ୍ଦ ଦାଶ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ କରିଥିବା ଅଭିଯୋଗ ଅନୁଯାୟି ରାଜକନିକା ଥାନାର ଫଇସଲା କ୍ରମେ ଦଶିପୁର ଶ୍ରୀଚୈତନ୍ୟ ମହାପ୍ରଭୁ ମାର୍ଫତ ବିବେକାନନ୍ଦ ଦାଶ ଓଗେରଙ୍କ ନାମରେ ଦଶିପୁର ମୌଜାର ଥିବା ଖାତା ନମ୍ବର- ୫୦୭, ପ୍ଲଟ ନମ୍ବର-୧୨୧୨, ଏରିଆ ଏ୦.୦୭ ଡିସିମିଲ ଜମିର ସୀମା ନିର୍ଦ୍ଧାରଣ ନିମନ୍ତେ ଅଭିଯୋଗକାରୀ ଶ୍ରୀ ଦାଶ ଆଳି ତହସିଲରେ ଆବେଦନ କରିଥିଲେ। ସେହି ଅନୁଯାୟୀ ଆଳି ତହସିଲ ପକ୍ଷରୁ ଗତ ତା୧୮.୦୫.୨୦୨୬ ରିଖରେ ଜମି ମାପ କରାଯିବାକୁ ଡିସି ନମ୍ବର- ୧୫୭/୨୬ରେ ତାଙ୍କୁ ନୋଟିସ କରାଯାଇଥିଲା। ଏହାସହିତ ଉକ୍ତଦିନ ସମସ୍ତ ପକ୍ଷଙ୍କ ଉପସ୍ଥିତିରେ ଆଳି ତହସିଲର ଅମୀନଙ୍କ ଦ୍ୱାରା ଉକ୍ତ ଜମିର ସୀମା ସଠିକ ଭାବରେ ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ ଅମୀନ ତାଙ୍କ ଜମି ମାପ ରିପୋର୍ଟ ସଠିକ ଭାବରେ ପ୍ରଦାନ ନକରି ସମ୍ପୂର୍ଣ୍ଣ ଭୁଲ ରିପୋର୍ଟ ପ୍ରଦାନ କରିଥିବାରୁ ଶ୍ରୀ ଦାଶ ତାହାର ନକଲ ପାଇପାରୁନାହାନ୍ତି ।ଫଳରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଏସମ୍ପର୍କରେ ସେ ଆଳି ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବାରେ ତହସିଲଦାର ତାଙ୍କୁ କମିଶନରଙ୍କ ପାଖକୁ ଯାଆନ୍ତୁ ବୋଲି କହିଲେ। ତେଣୁ ଶ୍ରୀ ଦାଶ ୬୮ ବର୍ଷ ବୟସର ଜଣେ ବରିଷ୍ଠ ନାଗରିକ ହୋଇଥିବା ବେଳେ ତାଙ୍କୁ ଜାଣିଶୁଣି ହଇରାଣ ହରକତ କରାଯାଉଥିବା ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ଯଥାଶୀଘ୍ର ପ୍ରତିକାର ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସେ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ଜିଲ୍ଲାପାଳ ଏସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆଳି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ସୂତାରଙ୍କ ସ୍ପିନ୍ ଯାଦୁ: ଭାରତ ନିୟନ୍ତ୍ରଣରେ ମୁଲାନପୁର ଟେଷ୍ଟ

# ୧୧୩ ରନ୍‌ରେ ୫ ୱିକେଟ୍ ହରାଇଲା ଆଫଗାନିସ୍ତାନ



**ନ୍ୟୁ ଚଣ୍ଡିଗଡ଼,୮।୬:** ନ୍ୟୁ ଚଣ୍ଡିଗଡ଼ର ମୁଲାନପୁରଠାରେ ଖେଳାଯାଉଥିବା ଏକମାତ୍ର ଟେଷ୍ଟକୁ ନିଜ ନିୟନ୍ତ୍ରଣରେ ରଖିଛି ଭାରତ। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଆଫଗାନିସ୍ତାନ ନିଜର ପ୍ରଥମ ପାଳିରେ ୫ ୱିକେଟ୍ ହରାଇ ୧୧୩ ରନ୍ କରିବା ସହ ଭାରତଠାରୁ ୪୫୧ ରନ୍‌ରେ ପଛୁଆ ରହିଛି। ଆଜି ଭାରତ ତା'ର ଶନିବାରର ସ୍କୋର ୩୬୮/୩ରୁ ଆଗକୁ ଖେଳିବା ଆରମ୍ଭ କରିଥିଲା। ଅଧିନାୟକ ଶୁବମନ ଗିଲ୍ ବ୍ୟକ୍ତିଗତ ସ୍କୋରରେ ଆଉ ୨୩ ରନ୍ ଯୋଗ କରିବା ପରେ ୧୨୬ ରନ୍‌ରେ ଆଉଟ୍ ହୋଇଥିଲେ। ଋଷଭ ପନ୍ତ ୮୧ ରନ୍ କରିଥିବାବେଳେ ୱାସିଂଟନ ସୁନ୍ଦର ଅର୍ଦ୍ଧଶତକ (୫୨*) ପୂରଣ କରିଥିଲେ। ନିମ୍ନକ୍ରମରେ ମାନବ ସୁତାର ୨୮ ରନ୍ ଓ ମହମ୍ମଦ ସିରାଜ୍ ୨୨ରନ୍‌ର ଯୋଗଦାନ ଦେଇଥିଲେ। ଆଫଗାନିସ୍ତାନ ପକ୍ଷରୁ ନିଜ କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ମହମ୍ମଦ ସଲିମ୍ ସାଫି ୧୪୦ ରନ୍ ଦେଇ ୬ ୱିକେଟ୍ ଅକ୍ତିଆର କରିଥିଲେ। ଟେଷ୍ଟ କ୍ରିକେଟ୍‌ରେ ଏହା ତାଙ୍କର ପ୍ରଥମ ୬ ୱିକେଟ୍ ସଫଳତା ଥିଲା।

ଶେଷରେ ଭାରତ ୮ ୱିକେଟ୍ ବିନିମୟରେ ୫୬୪ ରନ୍ କରି ପାଳି ଘୋଷଣା କରିଥିଲା। ଏହାପରେ ଆଫଗାନିସ୍ତାନର ଦୁଇ ଓପନର ଅବ୍ଦୁଲ ମଲିକ୍ (୧୬ ରନ୍) ଓ ସେଦିକୁଲ୍ଲା ଅଟଲ୍ (୧୭ ରନ୍) ଶସ୍ତାରେ ପ୍ୟାଭିଲିୟନ୍ ଫେରିଥିଲେ। ସେହିପରି ମଧ୍ୟକ୍ରମରେ ରହମାନୁଲ୍ଲା ଗୁରବାଜ୍ (୧୨ ରନ୍) ଓ ହସମତୁଲ୍ଲା ଶାହିଦି (୨୦ ରନ୍) ବି ଅଧିକ ସମୟ ତିଷ୍ଠି ପାରିନଥିଲେ। ତେବେ ରହମତ୍ ଶାହ ଭାରତୀୟ ବୋଲର୍ଙ୍କ ଉଚିତ ମୁକାବିଲା କରିବା ସହ ୪୩ ରନ୍‌ରେ ଅପରାଜିତ ଅଛନ୍ତି। ଭାରତ ପକ୍ଷରୁ ପ୍ରଥମ ଟେଷ୍ଟ୍ ଖେଳୁଥିବା ମାନବ ସୁତାର ୨୧ ରନ୍ ବ୍ୟୟ କରି ୩ ୱିକେଟ୍ ଅକ୍ତିଆର କରିଥିବାବେଳେ ପ୍ରସିଦ୍ଧ କ୍ରିଷ୍ଣା ୨୭ ରନ୍ ଖର୍ଚ୍ଚ କରି ୨ ୱିକେଟ୍ ଅକ୍ତିଆର କରିଥିଲେ। ସଂକ୍ଷିପ୍ତ ସ୍କୋର: ଭାରତ ପ୍ରଥମ ପାଳି ୧୨୭ ଓଭରରେ-୫୬୪/୮ ( ଘୋଷଣା, ଶୁବମନ ଗିଲ୍ ୧୨୬, କେଏଲ୍ ରାହୁଲ ୧୦୦, ସାଇ ସୁଦର୍ଶନ ୮୧, ଋଷଭ ପନ୍ତ ୮୧, ମହମ୍ମଦ ସଲିମ୍ ସାଫି ୬/୧୪୦, ଜିଆ ଉର ରହମାନ ସରିଫି ୧/୯୧, ହସ୍‌ମତୁଲ୍ଲା ଶାହିଦି ୧/୯୧)। ଆଫଗାନିସ୍ତାନ ପ୍ରଥମ ପାଳି ୩୯.୫ ଓଭରରେ-୧୧୩/୫ ( ରହମତ ଶାହ ୪୩ଅ, ହସ୍‌ମତୁଲ୍ଲା ଶାହିଦି ୨୦, ମାନବ ସୁତାର ୩/୨୧, ପ୍ରସିଦ୍ଧ କ୍ରିଷ୍ଣା ୨/୨୭)।

## ବାଦ୍ ପଡ଼ିଲେ ସୂର୍ଯ୍ୟ; ଶ୍ରେୟସ ନୂଆ ଟ୍ୱେଣ୍ଟି-୨୦ ଅଧିନାୟକ




**ନୂଆଦିଲ୍ଲୀ,୮।୬:** ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଭାରତୀୟ ଟ୍ୱେଣ୍ଟି-୨୦ ଦଳର ନୂଆ ଅଧିନାୟକ ଭାବେ ଶ୍ରେୟସ ଆୟରଙ୍କୁ ନିଯୁକ୍ତି ମିଳିଛି। ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ ସହ ଏସୀୟ କ୍ରୀଡ଼ା ଲାଗି ଶନିବାର ଘୋଷିତ ଏହି ଭାରତୀୟ ଦଳରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟୀ ଅଧିନାୟକ ସୂର୍ଯ୍ୟକୁମାରଙ୍କୁ ସ୍ଥାନ ମିଳିନି। ତାଙ୍କ ସହ ହାର୍ଦିକ ପାଣ୍ଡ୍ୟା ମଧ୍ୟ ବାଦ୍ ପଡ଼ିଛନ୍ତି। ଆଇପିଏଲ୍‌ରେ କମଳା ଟୋପି କରାୟତ୍ତ କରିଥିବା ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଥମ ଥର ଲାଗି ବରିଷ୍ଠ ଦଳରେ ସ୍ଥାନ ମିଳିଛି। ଯଶପ୍ରୀତ ବୁମ୍‌ରାଙ୍କୁ ଇଂଲଣ୍ଡ ଓ ଆୟର୍ଲାଣ୍ଡ ଶୃଙ୍ଖଳା ଲାଗି ବିଶ୍ରାମ ଦିଆଯାଇଛି। ହେଲେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏସୀୟ କ୍ରୀଡ଼ା ଲାଗି ଦଳରେ ସେ ସ୍ଥାନ ପାଇଛନ୍ତି। ଏସୀୟ କ୍ରୀଡ଼ା ଦଳରେ କିନ୍ତୁ ମହମ୍ମଦ ସିରାଜ ଓ ପ୍ରିନ୍ସ ଯାଦବଙ୍କୁ ସ୍ଥାନ ମିଳିନି। ଆୟର୍ଲାଣ୍ଡ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜୁନ୍ ୨୬ ଓ ୨୮ ତାରିଖରେ ଖେଳାଯିବ। ଏହି ଦୁଇଟି ଯାକ ମ୍ୟାଚ୍ ବେଲ୍‌ଫାଷ୍ଟରେ ଖେଳାଯିବ। ଏହାପରେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜୁଲାଇ ୧ରୁ ୧୧ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ଲାଗି ଭାରତୀୟ ଦଳ: ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍ (ୱିକେଟ୍‌ରକ୍ଷକ), ଈଶାନ କିଶନ (ୱିକେଟ୍‌ରକ୍ଷକ), ଶିବମ ଦୁବେ, ତିଳକ ବର୍ମା। (ଉପଅଧିନାୟକ), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାସିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ମହମ୍ମଦ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ବୈଭବ ସୂର୍ଯ୍ୟବଂଶୀ, ପ୍ରିନ୍ସ ଯାଦବ। ଏସୀୟ କ୍ରୀଡ଼ା ଲାଗି ଭାରତୀୟ ଦଳ: ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍ (ୱିକେଟ୍‌ରକ୍ଷକ), ଈଶାନ କିଶନ (ୱିକେଟ୍‌ରକ୍ଷକ), ଶିବମ ଦୁବେ, ତିଳକ ବର୍ମା(ଉପଅଧିନାୟକ), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାସିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମ୍‌ରା, ହର୍ଷିତ ରାଣା, ଅର୍ଶଦୀପ ସିଂହ, ବୈଭବ ସୂର୍ଯ୍ୟବଂଶୀ।

## ଫିଫା ବିଶ୍ୱକପ୍ ଉଦ୍‌ଘାଟନୀରେ ସାକିରା ଦେଖାଇବେ ଜଲୱା




**ନୂଆଦିଲ୍ଲୀ,୮।୬:** ଫିଫାପୁରୁଷ ବିଶ୍ୱକପ୍ ଚଳିତ ମାସ ୧୧ ତାରିଖରୁ ୩ ଦେଶ ଆମେରିକା, ମେକ୍ସିକୋ ଓ କାନାଡ଼ାରେ ଖେଳାଯିବ। ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ମୁକାବିଲାରେ ସହଆୟୋଜକ ମେକ୍ସିକୋ ଭେଟିବ ଦକ୍ଷିଣ ଆଫ୍ରିକାକୁ। ଏହା ଭାରତୀୟ ସମୟ ୧୨ ତାରିଖ ରାତି ୧୨.୩୦ରେ ଖେଳାଯିବ। ମେକ୍ସିକୋ ସିଟିରେ ଆୟୋଜିତ ଏହି ମ୍ୟାଚ୍‌ର ୯୦ ମିନିଟ୍ ପୂର୍ବରୁ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ପରେ ଖେଳ ଆରମ୍ଭ ହେବ।

ଫିଫା ପୁରୁଷ ବିଶ୍ୱକପ୍ ଚଳିତ ମାସ ୧୧ ତାରିଖରୁ। ଏଥିରେ ଅନ୍ତର୍ଜାତୀୟ ତାରକା ସାକିରାଙ୍କ ଜଲୱା ଦେଖିବାକୁ ମିଳିବ। ସାକିରା ବିଶ୍ୱକପ୍‌ର ଅଫିସିଆଲ୍ ଗୀତ 'ଡାଇ ଡାଇ' ପରିବେଷଣ କରିବେ। ଡାଇ ଡାଇ ଇଟାଲି ଭାଷାରୁ ଆସିଥିଲା ବେଳେ ଏହାର ଅର୍ଥ ହେଲା 'ଚାଲ ଯିବା'। ତାଙ୍କ ସହ କଲମ୍ବିଆ ଷ୍ଟାର ଜେ ବାଲ୍‌ଭିନ୍, ଦକ୍ଷିଣ ଆଫ୍ରିକାର ଗାୟିକା ଟାଇଲା ଓ ନାଇଜେରିଆ ଗାୟକ ବର୍ଣ୍ଣା ବୟ ମଧ୍ୟ ଦର୍ଶକଙ୍କୁ ନିଜ ନିଜର ଜଲୱା ଦେଖାଇବେ। ସାକିରା ମଧ୍ୟ ପ୍ରଥମ ଥର ବିଶ୍ୱକପ୍ ଫାଇନାଲ୍‌ରେ ମଧ୍ୟ ପ୍ରଦର୍ଶନ କରିବେ। ନ୍ୟୁ ଜର୍ସିର ମେଟଲାଇଫ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଫାଇନାଲ୍ ମଧ୍ୟାନ୍ତର ଶୋ'ରେ ସେ ପ୍ରଦର୍ଶନ କରିବାକୁ ସହମତି ପ୍ରକାଶ ଦେଇଛନ୍ତି।

## ବାଦଶାହଙ୍କ କ୍ଲବକୁ ସିଲ୍ କରିଛି ପ୍ରଶାସନ

### ନିୟମ ଉଲ୍ଲଂଘନ ଅଭିଯୋଗରେ ନିଆଯାଇଛି ଆକ୍ସନ



**ନୂଆଦିଲ୍ଲୀ,୮।୬:** ପୁଣି ଚର୍ଚ୍ଚାରେ ରାପର୍ ସିଙ୍ଗର ବାଦଶାହ । ବାଦଶାହଙ୍କର ମାଲିକାନାରେ ଥିବା ଏକ କ୍ଲବକୁ ପ୍ରଶାସନ ସିଲ୍ କରିଛି । ସିଲ୍ ହୋଇଥିବା କ୍ଲବର ନାଁ ସାଗୋ ବାଏ ବାଦଶାହ । କ୍ଲବ୍ ବିଲ୍ଡିଂ ବିରୋଧରେ ନିୟମ ଉଲ୍ଲଂଘନ ଅଭିଯୋଗ ଆସିବା ପରେ ପ୍ରଶାସନ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହି କାର୍ଯ୍ୟାନୁଷ୍ଠାନ ଚଣ୍ଡିଗଡ଼ ପ୍ରଶାସନ ଇଫୋର୍ସମେଣ୍ଟ ଗ୍ରହଣ କରିଛି ।

ନିୟମ ଉଲ୍ଲଂଘନ କରି ଚାଲିଥିବା କ୍ଲବ୍ ଏବଂ ଡିସ୍କୋ ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ନେଉଛି ଚଣ୍ଡିଗଡ଼ ପ୍ରଶାସନ । କିଛି ଦିନ ପୂର୍ବରୁ ଚଣ୍ଡିଗଡ଼ ପ୍ରଶାସନ କୋଡ୍ ଉଲ୍ଲଂଘନ କରିଥିବାରୁ ସେକ୍ଟର ୨୬ରେ ଦୁଇଟି କିମ୍ବା ତିନୋଟି କ୍ଲବକୁ ସିଲ୍ କରିଥିଲା । ଏବେ ବାଦଶାହାଙ୍କ କ୍ଲବ୍ ପ୍ରଶାସନର ନଜରକୁ ଆସିଛି। ନିୟମ ଉଲ୍ଲଂଘନ ଅଭିଯୋଗ ସମ୍ପର୍କରେ ପ୍ରଶାସନ କିଛି ଦିନ ପୂର୍ବରୁ ବାଦଶାହାଙ୍କ କ୍ଲବକୁ ଏକ ନୋଟିସ ଜାରି କରିଥିଲା । କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ପ୍ରଶାସନ ଆଜି କ୍ଲବକୁ ସିଲ୍ କରିଦିଆଯାଇଛି । ପ୍ରଶାସନ ଏହା କେବଳ କ୍ଲବ୍ ନୁହେଁ ବରଂ ରେଷ୍ଟୁରାଣ୍ଟ ମଧ୍ୟ । ଯାହାକୁ ୨ ବର୍ଷ ତଳେ ଖୋଲାଯାଇଥିଲା। କ୍ଲବ ଭିତରେ ଅନେକ ତ୍ରୁଟି ଦେଖିଛି ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଅନ୍ୟ ୨ ଟି କିମ୍ବା ୩ ଟି ଡିସ୍କୋକୁ ମଧ୍ୟ ନୋଟିସ୍ ଜାରି କରାଯାଇଛି । ତେଣୁ ପ୍ରଶାସନର ନିର୍ଦ୍ଦେଶରେ କ୍ଲବକୁ ସିଲ୍ କରି ଦିଆଯାଇଛି ।

ଗତ ମାସରେ ସାଗୋର ଇନଷ୍ଟାଗ୍ରାମ ପେଜରେ ବାଦଶାହଙ୍କ ଏକ ଭିଡିଓ ସେୟାର କରାଯାଇଥିଲା । ଯେଉଁଥିରେ ସେ ହାତରେ ଖାଉଥିବା ଦେଖିବାକୁ ମିଳିଥିଲା । ପ୍ଲେଟକୁ ଲାଗିଥିବା ଖାଦ୍ୟକୁ ଚାଟି ଚାଟି ଖାଇ କହିଥିଲେ ଯେ, ହଁ ଏମିତି ହିଁ ଖିଆଯାଏ ।

## ଜଣାଶୁଣା ଫିଲ୍ମ ମେକର ପହଲାଜ ନିହଲାନୀଙ୍କ ପରଲୋକ, ୭୬ ବର୍ଷରେ ନେଲେ ଶେଷ ନିଶ୍ୱାସ



**ମୁମ୍ବାଇ,୮।୬:** ଫିଲ୍ମ ଇଣ୍ଡଷ୍ଟ୍ରୀରୁ ଦୁଃଖଦ ଖବର । ସିବିଏଫସିର ପୂର୍ବତନ ଚେୟାରମ୍ୟାନ ତଥା ପ୍ରଯୋଜନା ପହଲାଜ ନିହଲାନୀଙ୍କ ପରଲୋକ । ଦୀର୍ଘଦିନରୁ ରୋଗରେ ପୀଡିତ ଥିଲେ ପହଲାଜ ନିହଲାନୀ । ଲିଭରଜନିତ ସମସ୍ୟା ଯୋଗୁଁ ତାଙ୍କ ବିୟୋଗ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା । ତାଙ୍କ ମୃତ୍ୟୁରେ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଶୋକର ଛାୟା ଖେଳିଯାଇଛି ।

ତାଙ୍କ ପରିବାର ତରଫରୁ କୁହାଯାଇଛି କି , ଗଭୀର ଦୁଃଖ ସହିତ ଆମେ ଆପଣଙ୍କୁ ଜଣାଉଛୁ ଯେ, ଆମର ପ୍ରିୟ ପହଲାଜ ନିହଲାନୀଙ୍କ ନିଧନ ୪ ଜୁନ୍ ୨୦୨୬ରେ ହୋଇଛି । ତାଙ୍କ ଅନ୍ତିମ ସଂସ୍କାର ଆଜି ଅପରାହ୍ନ ୩ଟାରେ ସାନ୍ତାକ୍ରୁଜ ହିନ୍ଦୁ ଶ୍ମଶାନରେ କରାଯିବ । ପହଲାଜଙ୍କ ବିୟୋଗରେ ଫିଲ୍ମ ଇଣ୍ଡଷ୍ଟ୍ରୀ ପାଇଁ ବଡ଼ କ୍ଷତି । ସୋସିଆଲ ମିଡିଆରେ ଫ୍ୟାନ୍ସ ଏବଂ ବି-ଟାଉନ ଷ୍ଟାର ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ତାଙ୍କ ମୃତ୍ୟୁ ନେଇ ସମସ୍ତେ ସ୍ତବ୍ଧ ରହିଛନ୍ତି । ତାଙ୍କ ଆତ୍ମାକୁ ଶାନ୍ତି ମିଳୁ ବୋଲି ଫ୍ୟାନ୍ସ ପ୍ରାର୍ଥନା କରୁଛନ୍ତି । ପହଲାଜ ବଲିଉଡରେ ଆଖେଁ, ଅନ୍ଦାଜ, ତଲାସ, ରଙ୍ଗିଲା ରାଜା, ହାତକଡ଼ୀ, ଇଲଜାମ, ଜୁଲି ୨ ଭଳି ଫିଲ୍ମ କରିଛନ୍ତି । ପହଲାଜ ଗୋବିନ୍ଦା ଏବଂ ଅକ୍ଷୟ କୁମାରଙ୍କୁ ବଲିଉଡରେ ନୂଆ ପରିଚୟ ଦେଇଥିଲେ ।

### ୬୧ ବର୍ଷ ବୟସରେ ତୃତୀୟ ଥର ବର ସାଜିବେ ଆମିର

## ଜୁଲାଇ ୫ରେ ପ୍ରେମିକା ଗୌରୀଙ୍କୁ କରିବେ ବିବାହ !



**ନୂଆଦିଲ୍ଲୀ,୮।୬:** ବଲିଉଡର ଇଣ୍ଡଷ୍ଟ୍ରିରୁ ଆସିଛି ଏକ ବଡ଼ ଖବର । ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାନ ପୁଣି ଥରେ ବର ହେବାକୁ ଯାଉଛନ୍ତି। ଆମିର ଖାନ ଏବଂ ଗୌରୀ ସ୍ପ୍ରେଟ ବହୁତ ଦିନ ଧରି ପରସ୍ପରକୁ ଡେଟ୍ କରୁଛନ୍ତି ଏବଂ ଏବେ ଏହି ଦମ୍ପତି ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିବାହ ତାରିଖ ମଧ୍ୟ ପ୍ରକାଶ ପାଇଛି ।

ରିପୋର୍ଟ ଅନୁସାରେ, ଆମିର ଏବଂ ଗୌରୀ ସ୍ପ୍ରେଟଙ୍କ ମଧ୍ୟରେ ଘନିଷ୍ଠତା ଏବେ ବିବାହ ପର୍ଯ୍ୟନ୍ତ ପହଞ୍ଚିଛି । ଉଭୟ ପାରସ୍ପରିକ ସହମତି ଏବଂ ସମ୍ପୂର୍ଣ୍ଣ ବୁଝାମଣାରେ ସେମାନଙ୍କ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଏବଂ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ସୂତ୍ର ଅନୁଯାୟୀ, ଆମିର ଏବଂ ଗୌରୀ ଏକ ବର୍ଷରୁ ଅଧିକ ସମୟ ଧରି ଏକ ପରିବାର ଭାବରେ ଏକାଠି ରହୁଛନ୍ତି । ଗତ କିଛି ମାସ ଧରି ସେମାନେ ଗଣମାଧ୍ୟମର ଚମକରୁ ଦୂରରେ ଏକ ବହୁତ ଖୁସି, ଶାନ୍ତିପୂର୍ଣ୍ଣ ଏବଂ ସ୍ଥିର ଜୀବନ ସୃଷ୍ଟି କରିଛନ୍ତି । ରିପୋର୍ଟରୁ ଜଣାପଡ଼ିଛି ଯେ ଏବେ ସେମାନେ ସେମାନଙ୍କ ପରିବାର ଉପସ୍ଥିତିରେ ଏହି ସୁନ୍ଦର ଯାତ୍ରାକୁ ଆନୁଷ୍ଠାନିକ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ବିବାହର ତାରିଖ ଏବଂ ସ୍ଥାନ ମଧ୍ୟ ସ୍ଥିର ହୋଇଛି । ଆମିର ଖାନ ଏବଂ ଗୌରୀ ସ୍ପ୍ରେଟଙ୍କ ଏହି ବିବାହ ଉତ୍ସବ ୫ ଜୁଲାଇରେ ହେବ ବୋଲି କୁହାଯାଉଛି ।

ସବୁଠାରୁ ଖାସ କଥା ହେଉଛି ଏଥିପାଇଁ କୌଣସି ବଡ଼ ଲଗଜରୀ ହୋଟେଲ କିମ୍ବା ଡେଷ୍ଟିନେସନ୍ ୱେଡିଂ ବଛାଯାଇ ନାହିଁ ବରଂ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଆମିର ଖାନଙ୍କ ଘରେ ଆୟୋଜିତ ହେବ । ଯଦିଓ ଅତିଥି ଲିଷ୍ଟ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ପ୍ରକାଶିତ ହୋଇନାହିଁ, କିନ୍ତୁ ଆଲୋଚନା ହେଉଛି ଯେ ତାଙ୍କ ଭଲ ବନ୍ଧୁ ସଲମାନ ଖାନ ଏବଂ ଶାହରୁଖ ଖାନ ମଧ୍ୟ ସେମାନଙ୍କ ବିବାହରେ ଯୋଗ ଦେଇପାରନ୍ତି ।

ଆମିରଙ୍କ ବୟସ ୬୧ ବର୍ଷ ଏବଂ ଗୌରୀଙ୍କର ୪୬ ଏହାରି ମଧ୍ୟରେ ୧୪ ବର୍ଷର ବୟସ ପାର୍ଥକ୍ୟ ସତ୍ତ୍ୱେ ଏକ ଦୃଢ଼ ସମ୍ପର୍କ ରହିଛି । ସେମାନଙ୍କୁ ପ୍ରାୟତଃ ବିଭିନ୍ନ କାର୍ଯ୍ୟକ୍ରମରେ ଏକାଠି ଦେଖାଯାଏ । ଯଦି ଏହି ବିବାହ ହୁଏ, ତେବେ ଏହା ପୂର୍ବ ଦୁଇଟି ବିବାହ ପରେ ଅଭିନେତାଙ୍କ ଜୀବନରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ । ରୀନା ଦତ୍ତାଙ୍କ ସହିତ ତାଙ୍କର ପ୍ରଥମ ବିବାହ ହୋଇଥିଲା, ଯାହା ୧୯୮୬ ରୁ ୨୦୦୨ ପର୍ଯ୍ୟନ୍ତ ଚାଲିଥିଲା । ପୂର୍ବତନ ଦମ୍ପତିଙ୍କ ଦୁଇଟି ସନ୍ତାନ ଅଛନ୍ତି – ଜୁନେଦ ଖାନ ଏବଂ ଇରା ଖାନ । ଗୌରୀଙ୍କ ପ୍ରେମରେ ପଡ଼ିବା ପୂର୍ବରୁ, ଆମିର ଫିଲ୍ମ ନିର୍ମାତା କିରଣ ରାଓଙ୍କୁ ବିବାହ କରିଥିଲେ । ଏହି ଦମ୍ପତି ୨୦୦୫ ମସିହାରେ ବିବାହ କରିଥିଲେ ଏବଂ ସେମାନଙ୍କର ଏକ ପୁଅ ଆଜାଦ ଥିଲା । ୧୬ ବର୍ଷ ବିବାହ ପରେ, ସେମାନେ ୨୦୨୧ ମସିହାରେ ଅଲଗା ହେବାର ଘୋଷଣା କରିଥିଲେ । ଗୌରୀ ଏକ ୬ ବର୍ଷର ପୁଅର ମାଆ ମଧ୍ୟ ହୋଇଥିଲେ । ଯଦିଓ ସେମାନଙ୍କ ବିବାହ ଭାଙ୍ଗି ଯାଇଥିଲା, ଆମିର ଏବଂ କିରଣ ସେମାନଙ୍କର ସମ୍ପର୍କ ବଜାୟ ରଖିଛନ୍ତି ଏବଂ ପ୍ରାୟତଃ ଫିଲ୍ମ ପ୍ରୋଜେକ୍ଟରେ ଏକାଠି କାମ କରନ୍ତି।


କାର୍ଯ୍ୟନିର୍ବାହୀ ସମ୍ପାଦକ-ଜ୍ଞାନ ରଞ୍ଜନ ମିଶ୍ର
Executive Editor-Gyana Ranjan Mishra

Published by Dr. Akshaya Kumar Patnaik, On behalf of< Dumani Infrastructure Private Limited, at Lane No-2,Baldevjew Colony,Mining Road,Po-Keonjhargarh ps-Town Tahasil-Sadar,Keonjhar,Odisha 758001<&< Printed at Ricky Promotors Plot no-6709 MIE, Rasulgarh,Bhubaneswar,Khordha,Odisha-751010 Email : dumanikhabar.kjr@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik